୬

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

TM

E-mail : sambadkalikanews@gmail.com

The Sambad Kalika

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

• ବର୍ଷ–୩୧ • ସଂଖ୍ୟା–୧୮ • ୧୩ଫେବୃୟାରୀ ୨୦୨୪, ମଙ୍ଗଳବାର • ଭୁବନେଶ୍ୱର • Vol -31 • Issue-18 • 13rd February 2024, Tuesday • Bhubaneswar | Licensed to post without pre-payment of postage No- BN-60/22-24



ତୃତୀୟ ଟେଷ୍ଟରୁ ବାଦ୍ ପଡ଼ିଲେ କେଏଲ ରାହୁଲ




## ରାଜ୍ୟ କ୍ୟାବିନେଟ୍

# ୨୬ ପ୍ରସ୍ତାବ ଉପରେ ବାଜିଲା ମୋହର

ଭୁବନେଶ୍ୱର, ୧୨।୨
ନ୍ୟୁଜ୍ ବ୍ୟୁରୋ



ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ୭୨ ତମ ବୈଠକରେ ମୋଟ୍ ୨୬ଟି ପ୍ରସ୍ତାବ ଗୃହୀତ ହୋଇଛି। ବୈଠକ ଶେଷରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ମୁଖ୍ୟଶାସନ ସଚିବ ପ୍ରଦୀପ କୁମାର ଜେନା କ୍ୟାବିନେଟ୍‌ରେ ଅନୁମୋଦନ ଲାଭ କରିଥିବା ପ୍ରସ୍ତାବ ଗୁଡିକ ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇଛନ୍ତି।

କ୍ୟାବିନେଟ୍ ନିଷ୍ପତ୍ତି ଅନୁସାରେ ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ସମସ୍ତ ହିତାଧିକାରୀଙ୍କୁ ୧ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏଥିସହ ଝୋଟରେ ତିଆରି ୨ଟି ବ୍ୟାଗ୍ ସେମାନଙ୍କୁ ମିଳିବ। ଏଥିପାଇଁ ରାଜ୍ୟ ସରକାର ୯୫୯ କୋଟି ଟଙ୍କା ବ୍ୟୟ କରିବେ ବୋଲି ବିଭାଗୀୟ ମନ୍ତ୍ରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି। ଏହାଦ୍ୱାରା ରାଜ୍ୟର ମୋଟ ୯୫ ଲକ୍ଷ ୯୦ ହଜାର ପରିବାର ଉପକୃତ ହେବେ ବୋଲି ସେ କହିଛନ୍ତି। ସେହିପରି ରାଜଧାନୀର ଭୌମନଗର ସ୍ଥିତ ମସଜିଦ ସପକ୍ଷରେ ଆବଣ୍ଟିତ ଜମିରୁ ବ୍ୟବସାୟିକ ଉପଯୋଗ ହେଉଥିବା ଅଂଶର ଅଧିମୂଲ୍ୟ ବାବଦକୁ ୩,୭୦,୫୦୦,୦୦୦ ଟଙ୍କା ଛାଡ କରିବା ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଏହାଛଡା ରାଜଧାନୀରେ ଅଘରିଆ ସମାଜ, ଗଣ୍ଡ ସମାଜ, ମେହେର ସମାଜ ପାଇଁ ସରକାର ମାଗଣାରେ ଜମି ଯୋଗାଇ ଦେବେ।

ମହିମା ଧର୍ମର ପ୍ରଚାର ଓ ପ୍ରସାର ନେଇ କ୍ୟାବିନେଟ୍‌ରେ ଐତିହାସିକ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଭୁବନେଶ୍ୱର ଡୁମଡୁମା ଅଞ୍ଚଳର ଲିଜରେ ଥିବା ସନ୍ଥ ଭୀମଭୋଇ ମହିମା ଅଲେଖ ଟ୍ରଷ୍ଟର ଅଧିମୂଲ୍ୟ ଛାଡ କରାଯାଇଛି। ସମାଜର ହିତ ସାଧନ ନିମନ୍ତେ ଆବଣ୍ଟିତ ଜମିକୁ ନେଇ ରାଜ୍ୟ କ୍ୟାବିନେଟରେ ଏହି ନିଷ୍ପତ୍ତି ନିଆଯାଇଛି।

ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନାରେ ୫ ବର୍ଷରେ ୧୧ହଜାର ମେଗାୱାଟ ସବୁଜ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖାଯାଇଛି।

ରାଜ୍ୟରେ ସବୁଜ ଶକ୍ତିର ଉତ୍ପାଦନ ଓ ବ୍ୟବହାର ବୃଦ୍ଧି ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା ଅଧୀନରେ ସବୁଜ ଶକ୍ତି ନିକାସ ଏବଂ ପରିବହନ କରିଡର ଯୋଜନାରେ ଓପିଟିସିଏଲ ଦ୍ୱାରା ଆଗାମୀ ୫ ବର୍ଷରେ ବିଭିନ୍ନ ପରିବହନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି। (ପୃଷ୍ଠା ୭ରେ)

# ୫ ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୨।୨
ନ୍ୟୁଜ୍ ବ୍ୟୁରୋ

ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବଲାଙ୍ଗୀର, ବରଗଡ, ଭଦ୍ରକ, ମୟୁରଭଞ୍ଜ ଓ ସୁନ୍ଦରଗଡ ଜିଲ୍ଲାରେ ଲକ୍ଷ୍ମୀ ବସ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମୋ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ଓଡିଶା ସରକାର ଯୋଜନା କରନ୍ତି । ୫-ଟି ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ଜିଲ୍ଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲୁ ଏବଂ ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କର ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ ଯୋଜନା ପ୍ରସ୍ତୁତ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ସୂଚନାଯୋଗ୍ୟ ଯେ ଏହି ଯୋଜନା ପ୍ରଥମେ ମାଲକାନଗିରିରେ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ଗଜପତି ଓ କୋରାପୁଟ ଜିଲ୍ଲାବାସୀ ଲକ୍ଷ୍ମୀ ବସ ସେବା ପାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୩ଟି ଜିଲ୍ଲା ଯୋଡି ହେଇଥିଲା । ସୋମବାର ଆଉ ୫ଟି ଜିଲ୍ଲା ଯଥା ବଲାଙ୍ଗୀର, ବରଗଡ, ଭଦ୍ରକ, ମୟୁରଭଞ୍ଜ ଓ ସୁନ୍ଦରଗଡ ଲକ୍ଷ୍ମୀ ଯୋଜନାରେ ସାମିଲ ହେଲା। ବର୍ତ୍ତମାନ ସୁଦ୍ଧା ୧୪ଟି ଜିଲ୍ଲା ସାମିଲ ହୋଇଛି।

ଆଜିର ଶୁଭାରମ୍ଭ ପରେ ୫ଟି ଜିଲ୍ଲାର ୧୩୪୦ଟି ପଞ୍ଚାୟତରେ ୩୦୧ଟି ବସ ଚାଲିଲା । ଏହା ଦ୍ୱାରା ୮୩ ଲକ୍ଷରୁ ଅଧିକ ଲୋକ ଉପକାର ପାଇଲେ । ବଲାଙ୍ଗୀରର ୩୧୩ଟି ପଞ୍ଚାୟତରେ ୪୪ଟି ବସ ଚାଲିଲା ଏବଂ ୧୬.୫୦ ଲକ୍ଷ ଲୋକ ଉପକୃତ ହେଲେ । ବରଗଡର ୨୪୩ଟି ପଞ୍ଚାୟତରେ ୬୦ଟି ବସ ଚାଲିଲା ଏବଂ ୧୪ ଲକ୍ଷ ୨୨ ହଜାର ଲୋକ ଉପକୃତ ହେଲେ । ଭଦ୍ରକର ୧୫୮ଟି ପଞ୍ଚାୟତରେ ୨୫ଟି ବସ ଚାଲିଲା। ୧୦ ଲକ୍ଷ ୮୦ ହଜାର ଲୋକ ଉପକୃତ ହେଲେ । ମୟୁରଭଞ୍ଜର ୩୮୬ଟି ପଞ୍ଚାୟତରେ ୧୦୭ଟି (ପୃଷ୍ଠା ୭ରେ)

## ଆସ୍ଥା ଭୋଟରେ ଜିତିଲେ ନୀତିଶ କୁମାର

ପାଟନା, ୧୨।୨

ବିହାର ବିଧାନସଭାରେ ଅନୁଷ୍ଠିତ ଆସ୍ଥା ଭୋଟରେ ବିଜୟୀ ହୋଇଛନ୍ତି ନୀତିଶ କୁମାର । ତାଙ୍କ ସପକ୍ଷରେ ୧୨୯ଟି ଭୋଟ ପଡ଼ିଥିବାବେଳେ ବିରୋଧୀ ଦଳ ଆସ୍ଥାଭୋଟ ପୂର୍ବରୁ କକ୍ଷତ୍ୟାଗ କରିଥିଲେ।

ଆସ୍ଥାଭୋଟ ପୂର୍ବରୁ ନୀତିଶ କୁମାର ଗୃହରେ ଆରଜେଡିକୁ ଟାର୍ଗେଟ କରି କହିଥିଲେ ଯେ, ଆମେ ସେମାନଙ୍କୁ ସମ୍ମାନ ଦେଉଥିଲୁ ଏବଂ ଆମେ ଜାଣିବାକୁ ପାଇଲୁ ଯେ ଏହି ଲୋକମାନେ (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଶିକ୍ଷାରେ ଟେକ୍ନୋଲୋଜିର ପ୍ରୟୋଗ ପିଲାଙ୍କୁ ଯୁଗୋପଯୋଗୀ କରିପାରିଛି

ଭୁବନେଶ୍ୱର, ୧୨।୨
ନ୍ୟୁଜ୍ ବ୍ୟୁରୋ




୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ଚତୁର୍ଥ ପର୍ଯ୍ୟାୟର ଅନ୍ତିମ ଦିନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଯାଜପୁର ଜିଲ୍ଲାର ୮୭ଟି ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି।

ସୂଚନାଯୋଗ୍ୟ ଯେ ପୂର୍ବରୁ ତିନୋଟି ପର୍ଯ୍ୟାୟରେ ରାଜ୍ୟରେ ସ୍କୁଲ ରୂପାନ୍ତରିତ ହୋଇଛି। ସୋମବାର ଚତୁର୍ଥ ପର୍ଯ୍ୟାୟରେ ସମୁଦାୟ ୧୭୯୪ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେଲା। ଏହି ପର୍ଯ୍ୟାୟ ସଂପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୮୬୮୧ଟି ସ୍କୁଲ ରୂପାନ୍ତରିତ ହେଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି (ପୃଷ୍ଠା ୭ରେ)

# ଯୁବ ସମାଜ ପାଇଁ ନୂଆ ସ୍କିମ୍ 'ସ୍ୱୟମ' – ସ୍ୱତନ୍ତ୍ର ଯୁବ ଉଦ୍ୟମୀ

ଭୁବନେଶ୍ୱର, ୧୨।୨
ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଶିକ୍ଷିତ ବେକାର ଯୁବକ ଯୁବତୀମାନଙ୍କ ପାଇଁ ନୂଆ ଯୋଜନା- 'ସ୍ୱୟମ' କାର୍ଯ୍ୟକାରୀ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏ ସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ରାଜ୍ୟର ଶିଳ୍ପ ଓ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ବର୍ତ୍ତମାନ ଆସିଥିବା ନୂଆ ଜାଗରଣରେ ଓଡିଶାର ସହରାଞ୍ଚଳ ଓ ଗ୍ରାମାଞ୍ଚଳର ଯୁବ ସମାଜକୁ ସାମିଲ କରିବା ପାଇଁ ଏହି ନୂଆ ଯୋଜନା ଆରମ୍ଭ କରାଯାଇଛି। ମୁଖ୍ୟତଃ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ଏହି ଯୋଜନା ସହାୟକ ହେବ।

'ସ୍ୱୟମ' ହେଉଛି ସ୍ୱତନ୍ତ୍ର ଯୁବ ଉଦ୍ୟମୀ ( Swatantra Yuba Udyami) । ଏହି ଯୋଜନାରେ ୧୮ରୁ ୩୫ ବର୍ଷ ବୟସର ଯୁବକ ଯୁବତୀମାନଙ୍କୁ ବ୍ୟବସାୟ କରିବା ପାଇଁ ୧ ଲକ୍ଷ ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ବିନା ସୁଧରେ ପ୍ରଦାନ କରାଯିବ। ଏହି ଯୋଜନାରେ ରାଜ୍ୟ ସରକାର ପ୍ରାଥମିକ ପର୍ଯ୍ୟାୟରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ୧ ଲକ୍ଷ ଯୋଗ୍ୟ ଯୁବକ ଯୁବତୀମାନଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏଥି ପାଇଁ ରାଜ୍ୟ ସରକାର ତାଙ୍କ ନିଜ ବଜେଟରୁ ୪୪୮ କୋଟି ଟଙ୍କା ଖର୍ଚ୍ଚ କରିବେ।

ସୂଚନାଯୋଗ୍ୟ ଯେ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ ବିଭିନ୍ନ ସ୍ଥାନରେ ଯୁବକ ଯୁବତୀମାନେ (ପୃଷ୍ଠା ୭ରେ)

# ଉପମୁଖ୍ୟମନ୍ତ୍ରୀ ନିଯୁକ୍ତି ଅସାମ୍ବିଧାନିକ ?

ନୂଆଦିଲ୍ଲୀ, ୧୨।୨



କୌଣସି ରାଜ୍ୟରେ ଉପମୁଖ୍ୟମନ୍ତ୍ରୀ ନିଯୁକ୍ତି ଅସାମ୍ବିଧାନିକ ନୁହେଁ । ଏହା କୌଣସି ଆଇନର ଉଲ୍ଲଙ୍ଘନ କରୁନାହିଁ ବୋଲି କହିଛନ୍ତି ସୁପ୍ରିମକୋର୍ଟ। ଉପମୁଖ୍ୟମନ୍ତ୍ରୀ ନିଯୁକ୍ତିକୁ ଚ୍ୟାଲେଞ୍ଜ କରି କରାଯାଇଥିବା ଆବେଦନକୁ ଖାରଜ କରି ଏପରି ଟିପ୍ପଣୀ ଦେଇଛନ୍ତି ସର୍ବୋଚ୍ଚ ଅଦାଲତ।

ସୂଚନା ଅନୁସାରେ, ଜଣେ ଆବେଦନକାରୀ (ପୃଷ୍ଠା ୭ରେ)

# ସପ୍ତଦଶ ଲୋକସଭାରେ ଓଡ଼ିଆ ସାଂସଦଙ୍କ ପ୍ରଦର୍ଶନ

ନୂଆଦିଲ୍ଲୀ, ୧୨।୨



ସପ୍ତଦଶ ଲୋକସଭାର ମୋଟ ୧୫ଟି ଅଧିବେଶନରେ ଓଡ଼ିଶାର ସାଂସଦମାନେ ସର୍ବମୋଟ ୪୧୮୯ଟି ପ୍ରଶ୍ନ ପଚାରିଥିବାବେଳେ ୮୭୩ ଆଲୋଚନାରେ ଭାଗ ନେଇଛନ୍ତି । ପିଆର୍‌ଏସ ଲେଜିସଲେଟିଭ ରିସର୍ଚ୍ଚ ତଥ୍ୟରୁ ଏହା ଜଣାପଡ଼ିଛି। ତଥ୍ୟ ଅନୁସାରେ ବିଜେଡ଼ି ସାଂସଦ ଚନ୍ଦ୍ରଶେଖର ସାହୁ ସବୁଠାରୁ ଅଧିକ ୫୩୧ଟି ପ୍ରଶ୍ନ ପଚାରିଥିବାବେଳେ ୫୦୨ଟି ପ୍ରଶ୍ନ ସହ ବିଜେପି ସାଂସଦ ସଙ୍ଗୀତା ସିଂହଦେଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ୩୧୧ଟି ପ୍ରଶ୍ନ ସହ ବିଜେଡି ସାଂସଦ ଭର୍ତ୍ତୃହରି ମହତାବ ତୃତୀୟ, ୨୬୧ଟି ପ୍ରଶ୍ନ ସହ ବିଜେଡି ସାଂସଦ ମଞ୍ଜୁଲତା ମଣ୍ଡଳ ଚତୁର୍ଥ, ୨୪୦ଟି ପ୍ରଶ୍ନ ସହ କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକା ୫ମ ସ୍ଥାନରେ ରହିଛନ୍ତି । ବିଜେଡ଼ି ସାଂସଦ ପ୍ରମିଳା ବିଷୋୟୀ ସବୁଠାରୁ (ପୃଷ୍ଠା ୭ରେ)

## ପରୀକ୍ଷାର୍ଥୀଙ୍କୁ ଚାପମୁକ୍ତ କରିବାକୁ ଗଣଶିକ୍ଷା ବିଭାଗର ଟେଲିମାନସ ବ୍ୟବସ୍ଥା

ଭୁବନେଶ୍ୱର, ୧୨।୨
ନ୍ୟୁଜ୍ ବ୍ୟୁରୋ

ଆଗକୁ ବୋର୍ଡ ପରୀକ୍ଷା। ସେଥିପାଇଁ ପରୀକ୍ଷାର୍ଥୀ ଚାପଗ୍ରସ୍ତ । ପିଲାଙ୍କ ଉପରୁ ଚାପ କମାଇବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଜାରି କରିଛି ଟୋଲ ଫ୍ରି' ନମ୍ବର। ପିଲାମାନେ ଏହି (ପୃଷ୍ଠା ୭ରେ)

## ଏକାଳ ସକାଳ



ବଡ ବଡ ନେତା ଓଡ଼ିଶା ଧାଆଁନ୍ତି
ଗୋଟେଇବାକୁ ପରା ଭୋଟ
ରାଇଜର ନେତା ଆହୁରି ତତ୍ପର
ଚାହାନ୍ତିନି କାଣ୍ଟଛାଣ୍ଟ
ଏତିକି ବୁଝଯେ ମୋଟ୍
ରାଜନୀତି ପେଞ୍ଚ ବୁଝୁବୁଝୁ ଦିନେ
ହୋଇଯିବ ହରି ଲୁଟ୍।

# ଗୁପ୍ତେଶ୍ୱର ଜଙ୍ଗଲକୁ ଜୈବବିବିଧ ଐତିହ୍ୟସ୍ଥଳୀ ଭାବେ ଘୋଷଣା



ଭୁବନେଶ୍ୱର, ୧୨।୨
ନ୍ୟୁଜ୍ ବ୍ୟୁରୋ

କୋରାପୁଟ ଜିଲ୍ଲାର ଜୟପୁର ବନଖଣ୍ଡରେ ଥିବା ପବିତ୍ର ଗୁପ୍ତେଶ୍ୱର ଜଙ୍ଗଲକୁ ରାଜ୍ୟ ସରକାର ଜୈବବିବିଧ ଐତିହ୍ୟସ୍ଥଳୀ ରୂପେ ଘୋଷଣା କରିଛନ୍ତି। ଇତି ମଧ୍ୟରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ଏ ବାବଦରେ ବିଧିବଦ୍ଧ ବିଜ୍ଞପ୍ତି ଜାରି କରାଯାଇଛି।

ସୂଚନାଯୋଗ୍ୟ, ଏହି ଜୈବବିବିଧତା ପୂର୍ଣ୍ଣ ଜଙ୍ଗଲଟି ୩୫୦ ହେକ୍ଟର ଅଞ୍ଚଳରେ ପରିବ୍ୟାପ୍ତ । ଏଠାରେ ଆଦିମ ଜନଜାତି ମାନଙ୍କର ପାରମ୍ପରିକ ପୂଜାସ୍ଥଳୀ ଓ ଶିବ ମନ୍ଦିର ରହିଛି । ଓଡ଼ିଶା ଜୈବବିବିଧତା ବୋର୍ଡ ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ଅନୁସାରେ ଏହି ଅଞ୍ଚଳରେ ଅତି କମରେ ୬୦୮ ପ୍ରଜାତିର ବନ୍ୟଜନ୍ତୁ ଅଛନ୍ତି । ଏମାନଙ୍କ ମଧ୍ୟରେ ୨୮ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୧୮୮ ପ୍ରଜାତିର ପକ୍ଷୀ, ୧୮ ପ୍ରଜାତିର ଉଭୟଚର ପ୍ରାଣୀ, ୪୫ ପ୍ରଜାତିର ମାଛ, ୧୪୧ ପ୍ରଜାତିର ପ୍ରଜାପତି, ୪୩ ପ୍ରଜାତିର କୀଟ, ୪୧ କଳି ପ୍ରଜାତି, ୩୦ ପ୍ରଜାତିର ବୁଢିଆଣୀ, ୬ ପ୍ରଜାତିର କଙ୍କଡା ବିଛା ଏବଂ ୨୦ ବିଭିନ୍ନ ଅମେରୁଦଣ୍ଡୀ ପ୍ରାଣୀ ଅନ୍ତର୍ଭୁକ୍ତ। ଏଠାରେ ମଧ୍ୟ ବଉଳ କୁମ୍ଭୀର, ଏକକ ପ୍ରଜାତିର ବେଙ୍ଗ ଓ ପାହାଡିଆ ଝିଟିପିଟି ଦେଖାଯାନ୍ତି । ଏହା ବ୍ୟତୀତ, ଗୁପ୍ତେଶ୍ୱର (ପୃଷ୍ଠା ୭ରେ)

# ଗୁପ୍ତଚର ଗିରି ଅଭିଯୋଗରେ ଅଟକ ଥିବା ୮ ଅବସରପ୍ରାପ୍ତ ନୌସେନା କର୍ମଚାରୀଙ୍କୁ ମୁକ୍ତ କଲା କତାର

ନୂଆଦିଲ୍ଲୀ, ୧୨।୨



ଗୁପ୍ତଚର ଗିରି କରୁଥିବା ଅଭିଯୋଗରେ ଅଟକ ରଖିଥିବା ଭାରତର ୮ଜଣ ଅବସରପ୍ରାପ୍ତ ନୌସେନା କର୍ମଚାରୀଙ୍କୁ କତାର ମୁକ୍ତ କରିଥିବା କଥା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ, ଘରୋଇ ପ୍ରତିଷ୍ଠାନ ଅଲ ଦାହରା ଗ୍ଲୋବାଲ କମ୍ପାନୀରେ କାର୍ଯ୍ୟ କରୁଥିବା ଭାରତୀୟ ନୌସେନାର ୮ଜଣ ପୂର୍ବତନ କର୍ମଚାରୀଙ୍କ ମଧ୍ୟରୁ ୭ଜଣ କତାରରୁ ଭାରତକୁ ଫେରିଛନ୍ତି।

ଏ ସଂକ୍ରାନ୍ତରେ ଜାରି କରିଥିବା ବିବୃତ୍ତିରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଦାହରା ଗ୍ଲୋବାଲ କମ୍ପାନୀରେ କାମ କରୁଥିବା ଯେଉଁ ୮ଜଣ ଭାରତୀୟ ନାଗରିକ କତାରରେ ଅଟକ ଥିଲେ ସେମାନଙ୍କ ମୁକ୍ତିକୁ ଭାରତ ସରକାର ସ୍ୱାଗତ କରୁଛନ୍ତି । ୮ଜଣଙ୍କ ମଧ୍ୟରୁ ୭ଜଣ ଭାରତରେ ପହଞ୍ଚିଛନ୍ତି । ଏହି ନାଗରିକମାନଙ୍କର (ପୃଷ୍ଠା ୭ରେ)





## ଗୋଚ୍ଛାପଡ଼ା ଅଞ୍ଚଳରେ ମାଓ ପୋଷ୍ଟର

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଶନିବାର ସକାଳୁ ସକାଳୁ ମାଓ ପୋଷ୍ଟର ଦେଖିବାକୁ ମିଳିଛି । ଗତ ୩ ତାରିଖରେ ପୁଲିସ ଗୁଳିରେ ନିହତ ହୋଇଥିବା ମାଓନେତା ଦାସରୁଙ୍କୁ ପୋଷ୍ଟର ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଇଛି ମାଓ ସଙ୍ଗଠନ କେକେବିଏନ ଡିଭିଜନାଲ କମିଟି ପକ୍ଷରୁ ଜାରୀ ଏହି ପ୍ରେସ୍ ବିଜ୍ଞପ୍ତିରେ ଦାସରୁଙ୍କୁ ଶହୀଦ ଆଖ୍ୟା ଦିଆଯାଇ ତାଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ ବୋଲି କୁହାଯାଇଛି । ୨୦୧୪ରୁ ପାର୍ଟିରେ ସାମିଲ ହୋଇ ସେ ଦଳିତ ଆଦିବାସୀଙ୍କ ପାଇଁ କାମ କରୁଥିଲେ ବୋଲି ପୋଷ୍ଟରରେ ଉଲ୍ଲେଖ ଅଛି । ଲଢେଇରେ ସହଯୋଗ ପାଇଁ ଲୋକଙ୍କୁ ଆହ୍ୱାନ ଦେଇଛି ଲାଲବାହିନୀ । ଗୋଚ୍ଛାପଡ଼ା ଥାନା ଅନ୍ତର୍ଗତ ସୁପଲା, ଡାଙ୍ଗେଣାମା, ପକାରୀ, ବାଲନ୍ଦାପଡ଼ା, କୁମେଲସିଂ, ସୁଟେଣୀଘାଟି, କ୍ରାନ୍ତିବାଲି ସମେତ ସାଡ଼ିଙ୍ଗିଆ ଠାରେ ମଧ୍ୟ ଏଭଳି ବହୁ ସଂଖ୍ୟକ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି । ସୂଚନାଯୋଗ୍ୟ, ଗତ ୩ ତାରିଖରେ ବାଲିଗୁଡ଼ା ଥାନା ସୁଡ୍ରା ଅଞ୍ଚଳରେ ପୁଲିସ ସହ ଗୁଳି ବିନିମୟ ବେଳେ ମାଓ ବାହାନୀର ଡିଭିଜନାଲ କମିଟି ମେମ୍ବର ତଥା କେକେବିଏନ ସଙ୍ଗଠନର ଟପ୍ ମାଓ ନେତା ଗୁଡୁ ମଣ୍ଡାରୀ ଓରଫ ଦାସରୁ ନିହତ ହୋଇଥିଲେ ।

## ବାଇକ୍ ଚୋରି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କଲା ପୋଲିସ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୋନପୁର ଜିଲ୍ଲାପାଳ ଅଫିସ ପାର୍ଶ୍ୱରେ ଥିବା ଆଶା ନର୍ସିଂହୋମ୍ ସମ୍ମୁଖରୁ ଭୋର୍ ୪ଟା ବେଳେ ଜଣେ ରୋଗୀ ସହାୟକଙ୍କ ବାଇକ୍ ଚୋରି ହୋଇଥିଲା । ଥାନରେ ରିପୋର୍ଟ ପରେ ଏଭଳି ସମ୍ବେଦନଶୀଳ ଘଟଣାରେ ରବିବାର ସକାଳ ୧୦ଟାରେ ସୋନପୁର ପୋଲିସ ମାଣିକେଶ୍ୱରୀ ପ୍ଲଟ ନିକଟ ବସ୍ତିର କମଲ ଲୋଚନ ବେହେରା (ଜିତୁ) ନାମକ ୨୭ ବର୍ଷୀୟ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି । ଏ ଯୁବକ ସହ ଆଉ କେଉଁ ବାଇକ୍ ଚୋରି ରାକେଟ୍‌ର ସମ୍ପର୍କ ରହିଛି ସେ ନେଇ ରବିବାର ଠାରୁ ଯୁବକକୁ ଥାନାରେ ଅଟକ ରଖି ପୋଲିସ ଅଧିକ ଅନୁସନ୍ଧାନ ଜାରି ରଖିଥିଲା । ସୋନପୁର ପୋଲିସ କେଶ୍ ନମ୍ବର ୫୫ ତାରିଖ ୧୦-୦୨-୨୪ ୩୭୯ ଆଇପିସି ଧାରାରେ ୧୧ ତାରିଖ ଅପରାହ୍ନରେ ବାଇକ୍ ଚୋରି କରିଥିବା ଅଭିଯୁକ୍ତ ଜିତୁକୁ ସୋନପୁର କୋର୍ଟ ଚାଲାଣ କରାଯାଇଛି । ନର୍ସିଂହୋମ୍‌ର ସିସି ଟିଭି ଫୁଟେଜ୍ ଆଧାରରେ ନର୍ସିଂହୋମ୍ ମ୍ୟାନେଜରଙ୍କ ସହାୟତାରେ ଉକ୍ତ ଅଭିଯୁକ୍ତ ଜିତୁକୁ ଥାନା ଅଧିକାରୀ ପଦ୍ମସିନି ମେହେର ଚିହ୍ନଟ କରି ଗିରଫ କରିଥିବା ଜଣାଯାଇଛି । ଡଗ ସ୍କ୍ୱାର୍ଡ ମଧ୍ୟମରେ ଚୋର ଧରିବା ଲୋକେ ଦେଖିଥିବେ କିନ୍ତୁ ଏଠି ଉକ୍ତ ଯୁବକ ଏକ ପୋଷା କୁକୁରକୁ ସାଙ୍ଗରେ ଧରି ବାଇକ୍ ଚାରି ପାଖେ ଘୁରୁଥିବା ଓ ଉକ୍ତ କୁକୁର ତାକୁ ସୁରକ୍ଷା ଦେବା ଭଳି ଚୋରର ନୂଆ କୌଶଳର ଦୃଶ୍ୟ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ବର୍ତ୍ତମାନ ନୂଆ ଆଇପିଏସ ଏସପି ଯସ ପ୍ରତାପ ଶ୍ରୀମଲଙ୍କ ନେତୃତ୍ୱରେ ସୋନପୁର ଥାନା ସମେତ ସାର ଜିଲ୍ଲା ପୋଲିସ ତତ୍ପର ଥିବାବେଳେ ଅସାମାଜିକ କାର୍ଯ୍ୟ କଳାପକୁ ରୋକିବା ପାଇଁ ପ୍ରତ୍ୟେକ ଜାଗାରେ ପୋଲିସର ଅଚାନକ ଚଢ଼ଉ ଚାଲିଥିବା ଜଣାପଡ଼ିଛି ।

## ଭାଷା ଭାବ ପରିପ୍ରକାଶର ମାଧ୍ୟମ, ଜାତିର ପ୍ରକୃତ ପରିଚିତି

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**




ଅଗ୍ରଣୀ ଶିକ୍ଷାନୁଷ୍ଠାନ ବାଲୁକେଶ୍ୱର ପୁର ସ୍ଥିତ ବାଲୁକେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଆନୁଷ୍ଠାନିକ ରୀତିରେ ଭାଷା ସାହିତ୍ୟ ସୃଜନଶୀଳତା ଉତ୍ସବ ଆୟୋଜିତ ହୋଇଯାଇଛି । ସର୍ବ ପ୍ରଥମେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହିତ ଦୀପ ମନ୍ତ୍ର ଗାନ କରାଯିବା ପରେ ଉତ୍ସବ ଆରମ୍ଭ ହୋଇଥିଲା । ଅନୁଷ୍ଠିତ ଉତ୍ସବରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ବେହେରା ଅଧ୍ୟକ୍ଷତା କରିଥିବାବେଳେ ଅନୁଷ୍ଠାନର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ମହାପାତ୍ର, ବିଦ୍ୟାଳୟର ପୁରାତନ ଛାତ୍ର ତଥା ଯୁବ ସାହିତ୍ୟିକ, ଗବେଷକ ଡକ୍ଟର ଦ୍ୱାରିକାନାଥ ମହାରଣା ମୁଖ୍ୟ ବକ୍ତା, ମୁଖ୍ୟ ଅତିଥି ରୂପେ ଯୋଗଦେଇ ଭାଷା ଭାବ ବିନିମୟର ମୁଖ୍ୟ ମାଧ୍ୟମ, ଭାଷାର ଉନ୍ନତିରେ ଜାତିର ଉନ୍ନତି, ଭାଷା ସାହିତ୍ୟ ସୃଜନଶୀଳତା ପ୍ରତି ଛାତ୍ରଛାତ୍ରୀଙ୍କୁ ଆକର୍ଷିତ କରିବା ସହିତ ସେମାନଙ୍କୁ ଏ ଦିଗରେ ଉତ୍ସାହିତ କଲେ ହିଁ ଏକ୍ଷେତ୍ରରେ ସୁଫଳ ମିଳିପାରିବ ବୋଲି ଅଭିହିତ କରିଥିଲେ । ତତ୍ ସହିତ ଉତ୍କଳ ପ୍ରଦେଶ ଗଠନ ପଛରେ ଖଲ୍ଲିକୋଟ ବାସୀଙ୍କ ପ୍ରମୁଖ ଭୂମିକା, ବରପୁତ୍ର ମାନଙ୍କ ଅବଦାନ, କଳା ସାହିତ୍ୟ ସଂସ୍କୃତି ପ୍ରତି ଏ ମାଟିରେ ଜନ୍ମିତ କୃତୀ ସନ୍ତାନ ମାନଙ୍କ ନିରବଚ୍ଛିନ୍ନ ସାଧନା, ପ୍ରୟାସର ଗୁଣଗାନ କରିଥିଲେ ଅତିଥିମାନେ । ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଏକ ମନୋଜ୍ଞ ପ୍ରଦର୍ଶନୀ ଅନୁଷ୍ଠିତ ହୋଇସାରିଛି । ସେଥିରେ ଜିଜ୍ଞାସା, କୌଶଳୀ, କ୍ରୀଡାଙ୍ଗନ, ସାହିତ୍ୟ ସୃଜନୀ ଚାରିଗୋଟି ବିଭାଗରେ ବହୁ ଛାତ୍ରଛାତ୍ରୀ ଉପାଦେୟ ପ୍ରକଳ୍ପ ସବୁ ଗଠନ କରି ପ୍ରଦର୍ଶିତ କରିଥିଲେ । ଆମନ୍ତ୍ରିତ ଅତିଥିମାନେ ବିଭିନ୍ନ ପ୍ରକଳ୍ପ ମନୋନୟନ କରିଥିଲେ । ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ନେଇ ରଙ୍ଗାରଙ୍ଗ ନାଚ ଗୀତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପ୍ରତିଯୋଗିତା, ପ୍ରକଳ୍ପ ପ୍ରଦର୍ଶନୀ ମଧ୍ୟରୁ ମନୋନୀତ ପ୍ରତିଭାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଆୟୋଜିତ ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ରୋହିତ କୁମାର ସାହୁ, ସୁବ୍ରତ କୁମାର ସାହୁ,ସାଗର ପ୍ରଧାନ, ଚିନ୍ମୟ ଚିରଞ୍ଜିବୀ ସାହୁ, ପୀତବାସ ମହାପାତ୍ର, ଶିକ୍ଷୟିତ୍ରୀ ସଂଘମିତ୍ରା ପଲେଇ, ରଶ୍ମି ମହାପାତ୍ର, ରଶ୍ମି ରଞ୍ଜିତା ସ୍ୱାଇଁ, ଦୀପାଞ୍ଜଳୀ ରାଉତ, ଅନ୍ନପୂର୍ଣ୍ଣା ନାୟକ ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଶିକ୍ଷୟିତ୍ରୀ ସଂଘମିତ୍ରା ପଲେଇ କାର୍ଯ୍ୟକ୍ରମର ସଂଯୋଜନା ସହିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଗୋପବନ୍ଧୁ ପାର୍କରେ ମାଟିତଳୁ ଶିବ ଲିଙ୍ଗ ଉଦ୍ଧାର, ବନ୍ଦ ରହିଲା କାମ

**କଟକ, ନ୍ୟୁଜ୍ ବ୍ୟୁରୋ**

ମାଟି ଖୋଳୁ ଖୋଳୁ ବାହାରିଲେ ମହାଦେବ । କଟକ ସ୍ଥିତ ଗୋପବନ୍ଧୁ ପାର୍କରେ କାମ ଚାଲୁଥିବା ବେଳେ ଉଦ୍ଧାର ହୋଇଛି । କଟକ ସ୍ଥିତ ଗୋପବନ୍ଧୁ ପାର୍କରେ କାମ ଚାଲୁଥିବା ବେଳେ ମାଟି ତଳୁ ଏକ ଶିବ ଲିଙ୍ଗ ଉଦ୍ଧାର କରାଯାଇଛି । ଶିବ ଲିଙ୍ଗଟି ଅତ୍ୟନ୍ତ ପ୍ରାଚୀନ ଜଣାପଡୁନଥିଲେ ବି ବହୁ ବର୍ଷ ହେବ ମାଟି ତଳେ ପୋତି ହୋଇ ରହିଥିବା ଜଣାପଡୁଛି । ମାଟି ତଳୁ ଶିବ ଲିଙ୍ଗ ବାହାରିବା ପରେ ସେଠାରେ ବର୍ତ୍ତମାନ ପାଇଁ କାମ ବନ୍ଦ ରଖାଯାଇଛି ।

## ଶିକ୍ଷକ ସମାଜ ପରିବର୍ତ୍ତନର ମୁଖ୍ୟ ସୂତ୍ରଧର:ଜଷ୍ଟିସ୍ ମିଶ୍ର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ବଦଳୁଥିବା ସମାଜରେ ସଦାବେଳେ ଯୁକ୍ତାତ୍ମକ ଚିନ୍ତାଧାରା ମଣିଷକୁ ଆଗକୁ ନେଇଥାଏ । ଆଉ ଏ ସବୁର ମୁଖ୍ୟ ସୂତ୍ରଧାର ହେଉଛନ୍ତି ଶିକ୍ଷକ । ବ୍ରହ୍ମପୁରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଲାଞ୍ଜିପଲ୍ଲୀ ସ୍ଥିତ ଅକ୍ସଫୋର୍ଡ଼ ପବ୍ଲିକ୍ ସ୍କୁଲର ୧୬ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ଜଷ୍ଟିସ୍ ସଞ୍ଜୟ କୁମାର ମିଶ୍ର ମତବ୍ୟକ୍ତ କରିଛନ୍ତି । ଅନ୍ୟପକ୍ଷରେ ସେ ଶିକ୍ଷକଙ୍କୁ ଈଶ୍ୱରଙ୍କ ସହିତ ତୁଳନା କରିବା ସହ ସମ୍ପ୍ରତି ଶିକ୍ଷକତା କରିବା ଏକ ବିରାଟ ଆହ୍ୱାନ ବୋଲି କହିଥିଲେ । ମୋବାଇଲ୍ ଫୋନ୍ ଛାତ୍ର ଜୀବନକୁ ବ୍ୟତିବ୍ୟସ୍ତ କରୁଥିବା ବେଳେ ଏ ସବୁରୁ ନିବୃତ୍ତ ରହିବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଅନୁଷ୍ଠାନର ସଭାପତି ଡ଼. ପ୍ରମୋଦ ଅଗ୍ରୱାଲ୍‌ଙ୍କର ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଇଂ. ଅଶୋକ କୁମାର ପାଳ ବାର୍ଷିକ ବିବରଣୀ ପାଠ କରିଥିଲେ । ସମ୍ମାନୀତ ଅତିଥି ଡ଼. ସଙ୍ଗୀତା ବାବୁ ସ୍ମାର୍ଟ ୱାର୍କ ଓ ହାର୍ଡ୍ ୱାର୍କ ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟର ଅଧିବକ୍ତା କେଦାର ନାଥ ତ୍ରିପାଠୀ ନିଜ ବକ୍ତବ୍ୟରେ ବିଦ୍ୟାଳୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଇତ୍ୟବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରମାକାନ୍ତ ରଥ ପରିଚାଳନା କରିଥିବା ବେଳେ ରବି ପ୍ରସାଦ ସାହୁକାର, ରଶ୍ମି ରଞ୍ଜନ ସାହୁ, ପ୍ରଶାନ୍ତ ଚନ୍ଦ୍ର ମାଥନ, ସରୋଜ କୁମାର ଆଚାର୍ଯ୍ୟ, କୁମାର ଚିନ୍ମୟ ଓ କୁମାର ପ୍ରଶାନ୍ତଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## କର୍ମଚାରୀଙ୍କ ଆନ୍ଦୋଳନ:ପ୍ରାଣୀ ଚିକିତ୍ସା ବିପର୍ଯ୍ୟସ୍ତ

**ନିଷ୍ଠିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ବିଭିନ୍ନ ଦାବି ନେଇ ରାଜ୍ୟର ପ୍ରାଣୀ ଚିକିତ୍ସାଳୟର କର୍ମଚାରୀମାନେ ବ୍ୟସ୍ତ ରହିଛନ୍ତି । ଏପରିସ୍ଥଳେ ନିଷ୍ଠିନ୍ତକୋଇଲି ବ୍ଲକ ଅଞ୍ଚଳରେ ପ୍ରାଣୀ ଚିକିତ୍ସା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । ଗ୍ରାମାଞ୍ଚଳର ଲୋକେ ଆର୍ଥିକ ଶୋଷଣର ଶିକାର ହେଉଥିବାର ଅଭିଯୋଗ ହୋଇଛି । ଗତ କିଛିଦିନ ହେଲା ନିଷ୍ଠିନ୍ତକୋଇଲି ପ୍ରାଣୀ ଚିକିତ୍ସାଳୟର ଡାକ୍ତର ଓ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଆନ୍ଦୋଳନରେ ବ୍ୟସ୍ତ ରହିଛନ୍ତି । ନିଷ୍ଠିନ୍ତକୋଇଲି ପ୍ରାଣୀ ଚିକିତ୍ସାଳୟ ସମେତ ଗ୍ରାମାଞ୍ଚଳରେ ଥିବା ଏଲଆଇ କେନ୍ଦ୍ର ମାନଙ୍କରେ ତାଲା ଝୁଲୁଛି । ଦୈନନ୍ଦିନ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ରୋଗାକ୍ରାନ୍ତ ଗାଈ ଗୋରୁ ଛେଳିମେଣ୍ଢା ମାନଙ୍କୁ ଚିକିତ୍ସା କରିବା ନିମନ୍ତେ ଆସି ନିରାଶରେ ଫେରିବାକୁ ବାଧ ହେଉଛନ୍ତି । ଏପରିସ୍ଥଳେ ବାଲିଆପଦା ଗ୍ରାମପଞ୍ଚାୟତ ପଞ୍ଚସରଙ୍ଗ ବଳରାମପୁର ଗ୍ରାମର ଦିଲୀପ କୁମାର ସ୍ୱାଇଁଙ୍କର ୬୦ ହଜାର ଟଙ୍କା ମୂଲ୍ୟର ଏକ ଗାଈ ସରା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହ ସଂଘର୍ଷ କରୁଥିଲା ବେଳେ ସେହି ଗ୍ରାମର ଶ୍ରୀକାନ୍ତ ମଲିକଙ୍କ ମଧ୍ୟ ଏକ ଗାଈ ଅସୁସ୍ଥ ହୋଇ ମୃତ୍ୟୁ ସହ ସଂଘର୍ଷ କରୁଛି । ଚଟୁ ଆମିଷ ବେଣ୍ଟ ନିରାମିଷ ନୀତିରେ କର୍ମଚାରୀମାନେ ସରକାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଥିଲେ ମଧ୍ୟ ଗ୍ରାମାଞ୍ଚଳରେ ଯାଇ ପ୍ରାଣୀ ଚିକିତ୍ସା କରୁଥିବାର ଦେଖିବାକୁ ମିଳିଛି । ଏପରିସ୍ଥଳେ ପ୍ରାଣୀ ଚିକିତ୍ସାଳୟର କର୍ମଚାରୀ ସର୍ବୋପରି କ୍ୱାକ୍‌ମାନେ ଅସାଧୁମେଣ୍ଟ କରି ଗୋପାଳକଙ୍କ ଉପରେ ଦାଉ ସାଜିବାକୁ ପଛାଉନାହାନ୍ତି । ଏପରିକି ଗୋପାଳକ ମାନଙ୍କୁ ଆର୍ଥିକ ଶୋଷଣ କରିବାକୁ ପଛାଉନଥିବାର ଅଭିଯୋଗ ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରାଯିବା ନିମନ୍ତେ ଗୋପାଳକ ଦିଲୀପ କୁମାର ସ୍ୱାଇଁ ଦୃଢ ଦାବି କରିଛନ୍ତି ।

## ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ସମ୍ମିଳନୀ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘର ୧୮ତମ ତ୍ରୟ ବାର୍ଷିକ ସାଧାରଣ ସମ୍ମିଳନୀ କେନ୍ଦ୍ରାପଡା ପୌରସଂସ୍ଥା ଟାଉନ୍ ହଲ୍ ଠାରେ ସୁକାନ୍ତ କୁମାର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିଲୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସହକାରୀ ଜିଲ୍ଲାପାଳ ଅଶୋକ କୁମାର ବେହେରା ସମ୍ମାନିତ ଅତିଥି ଭାବେ, ଅତିରିକ୍ତ ତହସିଲଦାର ରଶ୍ମି ରଞ୍ଜନ ମଲିକ, ସଂଘର ରାଜ୍ୟ ସଭାପତି ଜଗବନ୍ଧୁ ଜେନା, ପୂର୍ବତନ ଆର.ଏସ୍.କେ ହିମାଂଶୁ ଦାସ, ବୈଷ୍ଣବ ଦ୍ୱିବେଦୀ, କଟକ ଜିଲ୍ଲା ସଭାପତି ସୁଚନ୍ଦ୍ର ମହାନ୍ତି, ପୂର୍ବତନ ସଭାପତି ଅକ୍ଷୟ ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ସଭା ପ୍ରାରମ୍ଭରେ ସମ୍ପାଦକ ବିଶ୍ୱ ବିଜୟୀ ପରିଡା ସମ୍ପାଦକୀୟ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥିରେ ସଭାପତି ଭାବେ ଜାନକୀ ବଲ୍ଲଭ ପଣ୍ଡା, କାର୍ଯ୍ୟକାରୀ ସଭାପତି ଭାବେ ବିଶ୍ୱ ବିଜୟୀ ପରିଡା, ଉପ ସଭାପତି ମାନୀଆ ପ୍ରିୟଦର୍ଶିନୀ ଷଡଙ୍ଗୀ, ସଂପାଦକ ଭାବେ ରଂଜିତ କୁମାର ସାହୁ, ଯୁଗ୍ମ ସଂପାଦକ ବିଜୟ କୁମାର ଜେନା, ସଂଗଠନ ସଂପାଦକ ଶକ୍ତି ପ୍ରସାଦ ରଥ, ସାଂସ୍କୃତିକ ସଂପାଦକ ଅନନ୍ତ କୁମାର ମହାରଣା, କାର୍ଯ୍ୟାଳୟ ସଂପାଦକ ରାଜଶ୍ରୀ ପ୍ରଧାନ, କୋଷାଧ୍ୟକ୍ଷ ଦିପକ କୁମାର ଦାସ ଓ ପରାମର୍ଶଦାତା ଭାବେ ହିମାଂଶୁ ଶେଖର ଦାସଙ୍କ ସହିତ ଅନ୍ୟ ୪ ଜଣ ପରାମର୍ଶଦାତା କମିଟିରେ ଅନ୍ତର୍ଭୁକ୍ତ ଅଛନ୍ତି । ସଭା ଶେଷରେ ସୁପ୍ରିୟା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲି ଗାଡ଼ିକୁ ନେଇ ଉତ୍ତେଜନା:ପ୍ରତିବାଦରେ ରାସ୍ତା ରୋକ



**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ବରଜ ଗ୍ରାମ ନିକଟରେ ବାଲି ଗାଡ଼ିକୁ ନେଇ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ଆକ୍ରମଣ ପ୍ରତିଆକ୍ରମଣ ହେବା ନେଇ ଥାନାରେ ଅଭିଯୋଗ ହୋଇଛି । ଏପରିକି ମହିଳାଙ୍କ ସ୍ୱାମୀ ଆକ୍ରମଣର ଶିକାର ହେବା ନେଇ ମହିଳା ଜଣକ ଜମ୍ବୁ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକାରିଣୀ କାମିନୀ ସାମଲ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ତାଙ୍କ ଘର ଦେଇ ବାଲି ଗାଡ଼ି ଯିବା ଆସିବା କରୁଛି । ରାସ୍ତା ଖାଲ ହୋଇଯାଉଛି ଓ ବାଲି ପକାଇବା ପାଇଁ କହିବାରୁ ହଠାତ୍ ତାଙ୍କ ସ୍ୱାମୀ ପିଙ୍କୁ ସାମଲଙ୍କୁ ଖରାପ ବ୍ୟବହାର କରାଯାଇଥିଲା । ମୋତେ ମଧ୍ୟ ଖରାପ ବ୍ୟବହାର କରିଥିଲେ ଓ ମୋ ସ୍ୱାମୀଙ୍କୁ ତଳେ ପକାଇ ବିଧା ଗୋଇଠା ମରାଯାଇଥିଲା ଏବଂ ମୋତେ ମଧ୍ୟ ଦୁର୍ବ୍ୟବହାର କରାଯାଇଥିଲା ବୋଲି ଥାନାରେ ଅଭିଯୋଗ କରିଛନ୍ତି । ଖାଲି ସେତିକି ନୁହେଁ ଅମିତଙ୍କ ବାପା ମଧ୍ୟ ଏଥିରେ ଖରାପ ବ୍ୟବହାର କରିଥିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି । ଇଟାପଥରରେ ମାଡ଼ ମାରି ତାଙ୍କ ସ୍ୱାମୀଙ୍କ ମୁଣ୍ଡ ଫଟାଇ ଦେଇଥିବା ନେଇ ଅଭିଯୋଗ ହୋଇଛି । ଅପରପକ୍ଷେ ସମ୍ପୃକ୍ତ ବ୍ୟକ୍ତି ଜମ୍ବୁ ଥାନାରେ ଏହି ଘଟଣାକୁ ନେଇ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ହେଉଛି ସରକାରୀ କାର୍ଯ୍ୟକ୍ରମରେ ବାଲି ଆଣିବା ପାଇଁ ଯାଇ ଫେରୁଥିବା ସମୟରେ ବରଜ ଗ୍ରାମ ନିକଟରେ ପିଙ୍କୁ ସାମଲ ଓ ଅନ୍ୟକିଛି ବ୍ୟକ୍ତିମାନେ ଗାଡ଼ିକୁ ଅଟକାଇ ଚାନ୍ଦା ମାଗିଥିଲେ ଏବଂ ଡ୍ରାଇଭରର କଲର ଧରି ମାରଧର କରିଥିଲେ । ମୁଁ ଖବର ପାଇ ସେଠାରେ ପହଞ୍ଚିବା ପରେ ଆସାମୀମାନେ ମୋତେ ଖରାପ ବ୍ୟବହାର କରି ମାଡ଼ ମାରି ଜଖମ କରିଦେଇଛନ୍ତି । ଏପରିକି ବିଧା ଗୋଇଠା ମାରି ଛାତି ଉପରେ ଚଢ଼ିଯାଇଥିବା ନେଇ ସେ ଅଭିଯୋଗ କରିଛନ୍ତି । ଖାଲି ଏତିକି ନୁହେଁ ମୋର ସୁନା ଚେନ୍ ଓ ୧୦ ହଜାର ଟଙ୍କା ନେଇଯାଇଥିବା ନେଇ ଅଭିଯୋଗ ହୋଇଛି । ଏହି ଘଟଣା ପରେ ମହିଳାମାନେ ରାସ୍ତା ଉପରେ ବସି ରହିଥିଲେ । ମହିଳାମାନଙ୍କ ଦାବି ହେଉଛି ଆମ୍ଭମାନଙ୍କୁ ନ୍ୟାୟ ମିଳୁ । ପୋଲିସ୍ ୧୯ ଓ ୨୦ରେ ଦୁଇଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଦ୍ୱାରା ଉଦ୍ୟୋଗ ପାର୍କ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**




ଏକ ଅଭୂତପୂର୍ବ ପଦକ୍ଷେପ ଭାବେ, କେନ୍ଦ୍ରଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟୋଗମନ୍ତ୍ରୀ, ଧର୍ମେନ୍ଦ୍ର ପ୍ରଧାନ ରବିବାର ଦିନ ଆଇଆଇଟି ଭୁବନେଶ୍ୱରର ଅନୁସନ୍ଧାନ ଏବଂ ଉଦ୍ୟୋଗ ପାର୍କର ପରିବର୍ତ୍ତନକାରୀ ୧୦୦-କ୍ୟୁବ୍ ଷ୍ଟାର୍ଟ-ଅପ୍ ନିର୍ମାଣ କରିବାକୁ ପଦକ୍ଷେପ ନେଇଛନ୍ତି । ଏହି ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟକ୍ରମ ୨୦୩୬ ମସିହାରେ ଓଡ଼ିଶାର ୧୦୦ତମ ବାର୍ଷିକୀ ସୁଦ୍ଧା ପ୍ରତ୍ୟେକ ୧୦୦ କୋଟି ଟଙ୍କା ମୂଲ୍ୟର ୧୦୦ଟି ଷ୍ଟାର୍ଟ ଅପ୍ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ପାର୍କ ଅତ୍ୟାବଶ୍ୟକ ସମ୍ବଳ, ପରାମର୍ଶ, ପ୍ରାରମ୍ଭିକ ପୁଞ୍ଜି ଏବଂ ସମ୍ଭାବ୍ୟ ନିବେଶକମାନ ପ୍ରଦାନ କରିବ । ଶିକ୍ଷାମନ୍ତ୍ରଣାଳୟରୁ ୧୩୦ କୋଟି ଟଙ୍କାର ସହାୟତାରେ ପାର୍କ ଆସନ୍ତା ଦୁଇବର୍ଷ ମଧ୍ୟରେ ବର୍ତ୍ତମାନର ୨୦,୦୦୦ ବର୍ଗଫୁଟ କ୍ଷେତ୍ରରୁ ୮୦,୦୦୦ ବର୍ଗଫୁଟ ପର୍ଯ୍ୟନ୍ତ ବିସ୍ତାରିତ ହେବାକୁ ଯାଉଛି । ବିଭିନ୍ନ ଶିଳ୍ପ, ଶିକ୍ଷାନୁଷ୍ଠାନ, ଷ୍ଟାର୍ଟ ଅପ୍, ଉଦ୍ୟୋଗୀ ପୁଞ୍ଜିପତି ଏବଂ ଛାତ୍ରମାନଙ୍କ ଭଳି ୧୫୦୦ରୁ ଅଧିକ ବ୍ୟକ୍ତିଙ୍କ ସମାବେଶକୁ ସମ୍ବୋଧିତକରି ମନ୍ତ୍ରୀ କହିଛନ୍ତି, ଓଡ଼ିଶା ତଥା ଭାରତର ଯୁବଶକ୍ତି ମଧ୍ୟରେ ସୃଜନାତ୍ମକ ଚିନ୍ତାଧାରାକୁ ସଫଳ ଉଦ୍ୟୋଗରେ ପରିବର୍ତ୍ତିତ କରିବାର ଅମାପ ଉତ୍ସାହ ରହିଛି । ୧୦୦-କ୍ୟୁବ୍ ଷ୍ଟାର୍ଟ୍-ଅପ୍ କନ୍‌କ୍ଲେଭ୍ ପଦକ୍ଷେପ ସମଗ୍ର ଓଡ଼ିଶା ତଥା ଭାରତର ଔଦ୍ୟୋଗିକ ପୃଷ୍ଠଭୂମିକୁ ଏକ ନୂତନ ଦିଗନ୍ତ ପ୍ରଦାନ କରିବ । ଏହି ପଦକ୍ଷେପ ଦ୍ୱାରା ଓଡ଼ିଶା ସମ୍ବନ୍ଧୀୟ ଷ୍ଟାର୍ଟ୍‌ଅପ୍ ଗୁଡ଼ିକର ବିକାଶ ପାଇଁ ଆଗଭର ହେବା ପାଇଁସେ ସମଗ୍ର ଦେଶର ଉଦ୍ୟୋଗୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ସେ ଭାରତ ତଥା ପୂର୍ବଭାରତର ଉଚ୍ଚ ଶିକ୍ଷା ଅନୁଷ୍ଠାନ ଗୁଡ଼ିକୁ ଏହି ମିଶନରେ ଅଂଶଗ୍ରହଣ କରି କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ଆଇଆଇଟି ଭୁବନେଶ୍ୱରର ବୋର୍ଡ ଅଫ୍ ଗଭର୍ନର୍ସର ଅଧ୍ୟକ୍ଷ ଡ. ଆର୍.ପି. ସିଂହ ସମାଜର ଉନ୍ନତି ନିମନ୍ତେ ବିଜ୍ଞାନ ଏବଂ ବୈଷୟିକ ଜ୍ଞାନର ଉପଯୋଗ ଦ୍ୱାରା ସନ୍ତୁଳନ ସହିତ ନବସୃଜନ ଏବଂ ଅନୁସନ୍ଧାନର ମହତ୍ୱ ଉପରେ ଆଲୋକପାତ କରିଥିଲେ । ସେ ନିଶ୍ଚିତ ଯେ ଆଇଆଇଟି ଭୁବନେଶ୍ୱର ଏହାକୁ ହାସଲ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ । ଟି. ଭି. ନରେନ୍ଦ୍ରନ, ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ, ଟାଟାଷ୍ଟିଲ୍, ଜେନେରାଲ ଅଟୋମିକ୍ସ କର୍ପୋରେଶନର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ବିବେକଲାଲ୍, ଏନ୍‌ଏସ୍‌ଇର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଡଃ ଆଶିଷ କୁମାର ଚୌହାନ, ଫିନ୍‌ଲ୍ୟାଣ୍ଡର ଡେପୁଟୀ ହେଡ୍‌ମିଶନ୍ ଡଃ ଟିଟୋ ଗ୍ରୋନୋଓ, ଅଟଳ ଇନୋଭେସନ୍‌ମିଶନ୍, ନୀତି ଆୟୋଗର ମିଶନ୍ ନିର୍ଦ୍ଦେଶକ ଡଃ ଚିନ୍ତନ ବୈଷ୍ଣବ ଏବଂ ମଧୁମିତା ଅଗ୍ରୱାଲ, ସହ-ପ୍ରତିଷ୍ଠାତା ଏବଂ ସିଇଓ, ଓବେନ୍ ଇଲେକ୍ଟ୍ରିକାଲ ମଧ୍ୟ ଏହି ଅବସରରେ ବକ୍ତବ୍ୟ ରଖିଥିଲେ ଏବଂ ଭାରତକୁ ଏକ ବିକଶିତ ରାଷ୍ଟ୍ର ଭାବେ ଗଢ଼ି ତୋଳିବା ପାଇଁ ଏହାର ମହତ୍ୱକୁ ଦର୍ଶାଇ ପ୍ରଶଂସା କରିଥିଲେ ।

## ସ୍ୱାସ୍ଥ୍ୟ ହିଁ ସମ୍ପଦ, ଚିନ୍ତାମୁକ୍ତ ଜୀବନ ହିଁ ଶ୍ରେଷ୍ଠ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**




ପ୍ରତି ବର୍ଷ ହୃଦ୍ ରୋଗରେ ଭାରତରେ ୧୮ ନିୟୁତ ଲୋକେ ମୃତ୍ୟୁବରଣ କରନ୍ତି । ମଧୁମେହ ରୋଗର ରାଜଧାନୀ ପାଲଟିଛି । ପରିବେଶ ପ୍ରଦୂଷଣ ଓ ନିଦ୍ରାହିନତା ହୃଦ୍ ରୋଗ ପାଇଁ ଦାୟୀ ବୋଲି ଡାକ୍ତର ବିଶେଷଜ୍ଞ ମାନେ ପ୍ରକାଶ କରିଛନ୍ତି । ଥିଙ୍କର୍ସ କ୍ଲବ୍‌ର ୯୬ ତମ ଆଭାଶି ଆଲୋଚନା ସଭାପତି ବରଦା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସୁ ସ୍ୱାସ୍ଥ୍ୟ ହିଁ ଆମର ପ୍ରକୃତ ସମ୍ପଦ ହୋଇଥିବାରୁ ତାର କିପରି ଯତ୍ନ ନେବା ଉଚିତ୍ ସେ ସମ୍ପର୍କରେ ବଡ଼ମେଡ଼ିକାଲର ମେଡିସିନ୍ ଓ ହୃଦ୍ ରୋଗ ବିଭାଗ ମୁଖ୍ୟ ଡାକ୍ତର ଜୟନ୍ତ ପଣ୍ଡା ଓ ଡାକ୍ତର ସୁର କିଶୋର ମିଶ୍ର ବିଶଦ ଭାବେ ଆଲୋଚନା କରିଥିଲେ । ଡାକ୍ତର ପଣ୍ଡା କହିଲେ ଯେ ଓଜନ ବୃଦ୍ଧି ସବୁ ରୋଗର ମୂଳ କାରଣ । ୫ ଗ୍ରାମରୁ କମ୍ ଲୁଣ, ମିଠା ପରିବର୍ତ୍ତେ ଫଳ, ଚିନ୍ତାମୁକ୍ତ ଜୀବନ, ନିୟମିତ ବ୍ୟାୟାମ, ଧ୍ୟାନ ପ୍ରାଣାୟାମ ଅଭ୍ୟାସ, ଧୂମ୍ର ଓ ମଦ୍ୟ ପାନରୁ ବିରତି ରହିବା ନିହାତି ଜରୁରୀ । ସେହିପରି ହୃଦ୍ ରୋଗର କାରଣ ଓ ନିରାକରଣ ଦିଗରେ ଡାକ୍ତର ମିଶ୍ର ମେଦ ବହୁଳତା ଠୁ ଦୂରେଇ ରହି ନିୟମିତ ସୁଖାଦ୍ୟ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ଓଡ଼ିଶା ସରକାରଙ୍କ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ନିରାମୟ ଯୋଜନାର ଲାଭ ଉଠାଇବାକୁ କହିଥିଲେ । ସମସ୍ତ ସରକାରୀ ଡାକ୍ତରଖାନା ନିକଟରେ ନିରାମୟ ଔଷଧ ବିତରଣ କେନ୍ଦ୍ରରେ ରୋଗୀ ମାନଙ୍କୁ ୭୦୦ ପ୍ରକାର ମେଡିସିନ ଦେବା ପାଇଁ ବାର୍ଷିକ ୯୦୦ କୋଟି ବ୍ୟୟ ବରାଦ ହୋଇଛି ବୋଲି ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ । କଟକ ଶ୍ରୀରାମ ଚନ୍ଦ୍ର ଚିକିତ୍ସା ମହାବିଦ୍ୟାଳୟର ଉପଦେଷ୍ଟା ସ୍ୱପ୍ନାରାଣି ପାତ୍ର ନିୟମିତ ରୋଗୀସେବା ତଦାରଖ ସମ୍ପର୍କରେ କହିଥିଲେ । ବିଶ୍ୱ ସ୍ତରୀୟ ଡାକ୍ତରଖାନା ପାଇଁ କଟକ ବଡ଼ମେଡ଼ିକାଲକୁ ସରକାର ଚୟନ କରି କାର୍ଯ୍ୟ ତ୍ୱରାନିତ କରିବା ଖୁସିର ଖବର ବୋଲି ପ୍ରକାଶ କରିଥିଲେ । ଡ. ନନ୍ଦ ନନ୍ଦନ ଦାସ, ବିନୋଦ ମହାନ୍ତି, ଜାମସେଦପୁରର ଡ. ମନୋଜ ମହାପାତ୍ର, ଜାପାନରୁ କାଳିପଦ ତ୍ରିପାଠୀ, ବାହାରିନରୁ ସୁବାସ ସାହୁ, ଇଣ୍ଡୋନେସିଆରୁ ଶୁଭେନ୍ଦୁ ପଣ୍ଡା, ଛତିଶଗଡରୁ ପ୍ରତାପ ରାଉତ, ପ୍ରଫେସର ପ୍ରମୋଦ ଶତପଥୀ, ବାଙ୍ଗାଲୋରରୁ ବିଭୁଦତ୍ତ ମହାନ୍ତି, ଡାକ୍ତର ଅମୂଲ୍ୟ ଚୌଧୁରୀ, ଦିଲ୍ଲୀରୁ ଚିତ୍ତରଞ୍ଜନ ଶତପଥୀ, ପ୍ରଫେସର ଜୟକୃଷ୍ଣ ଚୌଧୁରୀ, ଅଧ୍ୟାପିକା ପୂର୍ଣ୍ଣିମା ମିତ୍ର ଆଦି ଯୋଗ ଦେଇ ପ୍ରଶ୍ନ ପଚାରିଥିଲେ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୬ / ୫ | ୪ବୃ | ଚନ୍ଦ୍ରମ / ଶୁକ୍ର୨ |
| ୭ | ୨୬ / ୧୧ | ରବୁମ୍ବଲଶୁ |
| ୮ / ୯କେ | ୧୦ | ୧୨ / ୧୦ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୧୩।୨।୨୦୨୪, ଫାଲ୍‌ଗୁନ ଦି୧ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ-** ଘ୦୬।୧୮।୦୧ **ଚନ୍ଦ୍ରୋଦୟ-** ଦିଘ ୮।୪୫।୧୪

ଚତୁର୍ଥୀ- ଦିଘ ୨।୪୩ ପର୍ଯ୍ୟନ୍ତ । ଉତ୍ତରାଭାଦ୍ର ନକ୍ଷତ୍ର - ଦିଘ ୧୨।୩୬ ପର୍ଯ୍ୟନ୍ତ । ମୀନ ଚନ୍ଦ୍ର - ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ପଞ୍ଚମୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ମୂଳା ଦିଘ ୨।୪୩ ପରେ ବେଲ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୯।୧୧ ଗତେ ଘ୧୦।୫୨ ମଧ୍ୟେ ଦିଘ ୧।୦୯ ଗତେ ଘ ୧।୨୬ ମଧ୍ୟେ । **ପର୍ବୋତ୍ସବ -** କୁମ୍ଭ ସଂକ୍ରାନ୍ତି, ବରଦା ଗଣେଶ ପୂଜା, ବରଦା ଚତୁର୍ଥୀ ।

**ମେଷ:** ମାନସିକ ଅଶାନ୍ତି ଦେଖାଦେଇପାରେ । ବିରୋଧୀଙ୍କ ଠାରୁ ଦୂରେଇ ରୁହନ୍ତୁ । କର୍ମକ୍ଷେତ୍ରରେ ଗତିରୋଧର ସମ୍ମୁଖୀନ ହେବେ । ପାରିବାରିକ ବିଶୃଙ୍ଖଳା ଦେଖାଦେବ । ଖର୍ଚ୍ଚର ପରିମାଣ ବଢ଼ିବ ।

**ବୃଷ:** ଆଜି ଆପଣଙ୍କର ଆୟ ଯୋଗ ରହୁଛି । ପାରିବାରିକ ଜୀବନ ସୁଖମୟ ହେବ । ବହୁ ଦିନର ଆଶା ଓ ଅଭିଳାଷ ପୂର୍ଣ୍ଣ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ମହିଳାମାନେ ସୁଖୀ ହେବେ ।

**ମିଥୁନ:** କର୍ମକ୍ଷେତ୍ରରେ ତତ୍ପରତା ପ୍ରକାଶ ପାଇବ । ଦେହ ଓ ମନ ଭଲ ରହିବ । ହଠାତ୍ କୌଣସି ଏକ ଖବର ମନକୁ ଆନନ୍ଦ ଦେଇପାରେ । ରୋଜଗାର ସ୍ଥିର ରହିବ । ପରିବାରରେ ସୁଖ ମିଳିବାର ସୂଚନା ।

**କର୍କଟ:** ସେବା ପୂଜାରେ ସୁଯୋଗ ସୃଷ୍ଟି ହେବ । ଦେବ ଦର୍ଶନର ଯୋଗ ମଧ୍ୟ ରହିଛି । ପାରିବାରିକ ଜୀବନ ଶାନ୍ତିମୟ ହେବ । ଦୂରକୁ ଯାତ୍ରା କରିପାରନ୍ତି । ମୂଲ୍ୟବାନ ଦ୍ରବ୍ୟ ଲାଭ ହେବ । ରୋଜଗାର ଭଲ ହେବ ।

**ସିଂହ:** ପାରିବାରିକ ସୁଖ ଶାନ୍ତି ଲାଭ ହେବ । ଯାନବାହାନ ସାବଧାନରେ ଚଲାନ୍ତୁ । କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପ୍ରାପ୍ତ ହେବ । ରୋଜଗାରରେ ଉନ୍ନତି ଘଟିବ । ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ ।

**କନ୍ୟା:** ବନ୍ଧୁ ମିଳନ ଘଟିବ । ଆର୍ଥିକ ସ୍ଥିତି ମଜବୁତ୍ ହେବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ଚାକିରୀ କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଶୁଭ କାର୍ଯ୍ୟ ପାଇଁ ଯାତ୍ରା କରିପାରନ୍ତି । ଦେହ ଭଲ ରହିବ ।

**ତୁଳା:** ମନରେ ଅହଂକାର ଜାତ ହେବ । କଚେରୀ ମାମଲାରେ ଶୁଣାଣି ଆପଣଙ୍କ ସପକ୍ଷରେ ଯିବ । ସାମାଜିକ ସ୍ତରରେ ପତିଆରା ବଢ଼ିବ । ଆୟ ଆଗ ଭଳି ରହିବ । ଘରେ ଆନନ୍ଦ ଦେଖାଦେବ ।

**ବିଛା:** କର୍ମକ୍ଷେତ୍ରରେ ଉତ୍ସାହିତ ହୋଇ କାର୍ଯ୍ୟ କରିବେ । ପାରିବାରିକ ଜୀବନ ସୁଖମୟ ହେବ । ଶୁଭ ଖବର ପାଇ ଆନନ୍ଦିତ ହେବେ । ବିବାଦର ସମାଧାନ ହେବ । ଆୟ ଓ ବ୍ୟୟ ସମାନ ରହିବ ।

**ଧନୁ:** ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ । ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଭଲ । ମାନସିକ ଅଶାନ୍ତି ଦେଖାଦେବ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ଘରେ କଳହ ଦେଖାଦେବ ।

**ମକର:** ଅଧିକ ପରିଶ୍ରମ କରି କ୍ଳାନ୍ତି ଅନୁଭବ କରିବେ । ବନ୍ଧୁ ସହଯୋଗ ଲାଭ ହେବ । ଦୂରଯାତ୍ରା ସଫଳ ହେବ । ରୋଜଗାର ଭଲ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଗୃହେ ଆନନ୍ଦ ଦେଖାଦେବ ।

**କୁମ୍ଭ:** ଆଜି ଆପଣଙ୍କର ସମସ୍ତ ଆଶା ସୁଫଳ ହେବ । ଶୁଭ କାର୍ଯ୍ୟ ପାଇଁ ଦିନଟି ଉତ୍ତମ ଅଟେ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଆୟର ପରିମାଣ ସ୍ଥିର ରହିବ ।

**ମୀନ:** ଆଜି ଆପଣଙ୍କ ପାଇଁ ଦିନଟି ଆନନ୍ଦଦାୟକ ହେବ । ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ । ପାରିବାରିକ ଜୀବନ ସୁଖମୟ ହେବ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତି । ଉତ୍ତମ ଭୋଜନ ମିଳିବ ।



## ଶ୍ରୀମଦ୍ ଭାଗବତ କଥାମୃତ ଓ ପଞ୍ଚ କୁଣ୍ଡିୟ ଗାୟତ୍ରୀ ଯଜ୍ଞ ପାଇଁ କଳସ ଯାତ୍ରା

**ଆସିକା, ନ୍ୟୁଜ୍ ବ୍ୟୁରୋ**

ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ବାଣୀବିହାର ରାଧାକୃଷ୍ଣ ମନ୍ଦିର ପରିସରରେ ଦୀର୍ଘ ଦଶ ଦିନ ଧରି ଚାଲିଥିବା ଶ୍ରୀମଦ ଭାଗବତ କଥାମୃତ ଅବସରରେ ଶନିବାର ଦିନ ଆସିକା ପୁଡୁଗେଶ୍ୱର ବୁଢ଼ ତୋଟା ନିକଟ ସଙ୍ଗମ ସ୍ଥଳରୁ ପୂଜା ପାଠ ସହ ରୀତିନୀତି ଅନୁଯାଇ ଶତାଧିକ ମହିଳାମାନେ ଏକତ୍ରୀତ ହୋଇ ଏକ କଳସ ଯାତ୍ରା ଆସିକା ସହର ନଗର ପରିକ୍ରମା ହୋଇଥିବାବେଳେ ପଞ୍ଚ କୁଣ୍ଡିୟ ଗାୟତ୍ରୀ ଯଜ୍ଞର ଆୟୋଜନ ରାଧା କୃଷ୍ଣ ମନ୍ଦିର ପରିଚାଳନା କମିଟି ପକ୍ଷରୁ ହୋଇଥିଲା । ଏହି କଳସ ଯାତ୍ରାରେ ଉପସ୍ଥିତ ଥିଲେ ବିଜେଡି ପୂର୍ବତନ ସାଧାରଣ ସମ୍ପାଦିକା ସୁରଭି ବିଷୋୟୀ,ଗଞ୍ଜାମ ଜିଲ୍ଲା ଉପସଭାପତି ଦିଲୀପ ପାଣିଗ୍ରାହୀ, ମନ୍ଦିର ସଦସ୍ୟ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ସମେତ ବାଣୀବିହାର ୱାର୍ଡ ବାସୀ ସହଯୋଗ କରିଥିଲେ । ଦୀର୍ଘ ସାତ ଦିନ ଧରି ସନ୍ଧ୍ୟାରେ ଚାଲିଥିବା ମନ୍ଦିର ପରିସରରେ ଭାଗବତ ଭାସ୍କର ବାଣୀ ବିଭୂଷଣ ପଣ୍ଡିତ ଜଗନ୍ନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିବା ବେଳେ ବହୁ ଆଧାତ୍ମିକ ପ୍ରେମୀ ମାନେ ଉପସ୍ଥିତ ଥିଲେ । ସନ୍ଧ୍ୟା ସମୟରେ ପଣ୍ଡିତ ଜଗନ୍ନାଥ ପଣ୍ଡାଙ୍କ ପ୍ରବଚନ ଶୁଣିବା ପାଇଁ ଆସିକା ସମେତ ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଗହମ ଉପରେ ଲାଗିଲା ଷ୍ଟକ୍ ଲିମିଟ୍

ଖାଉଟୀ ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରାଳୟ ରବିବାର ଏକ ଅଧିସୂଚନା ଜାରି କରି ଗହମର ଷ୍ଟକ ଲିମିଟ ନିର୍ଦ୍ଧାରିତ କରିଛନ୍ତି। ଅଧିସୂଚନା ଅନୁସାରେ ବ୍ୟବସାୟୀ ଅଥବା ପାଇକାରୀ ବିକ୍ରେତାଙ୍କ ନିମନ୍ତେ ଏହି ଷ୍ଟକ୍ ସୀମା ୫୦୦ ମେଟ୍ରିକ ଟନ ନିର୍ଦ୍ଧାରିତ ହୋଇଥିବା ବେଳେ ଖୁଚୁରା ବିକ୍ରେତାଙ୍କ ନିମନ୍ତେ ୫ ମେଟ୍ରିକ ଟନ ଓ ବଡ ରିଟେଲ ଶୃଙ୍ଖଳ (ପ୍ରତ୍ୟେକ ଆଉଟଲେଟ୍)ଙ୍କ ୫ ମେଟ୍ରିକୋ ଟନ ଓ ସେମାନଙ୍କ ସବୁ ଡିପୋରେ ୫୦୦ ମେଟ୍ରିକ ଟନ ଷ୍ଟକ ରଖିପାରିବେ ବୋଲି ସୀମା ନିର୍ଦ୍ଧାରଣ ହୋଇଛି।

ସେହିପରି ଅଧିସୂଚନା ଅନୁସାରେ ଏବେ ମିଲ ମାଲିକମାନେ ମାସ ତମା ପେସାଉଥିବା ଗହମର ୬୦ ପ୍ରତିଶତ ଷ୍ଟକ ରଖିପାରିବେ ବୋଲି କୁହାଯାଇଛି। ଏହି ଷ୍ଟକ୍ ସୀମା ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଲାଗୁ କରାଯାଇଛି। ତେବେ ମନ୍ତ୍ରାଳୟଙ୍କ ଏହି ଘୋଷଣା ଯୋଗୁ ବଜାରରେ ଅଟା ଦର ବଢିବ ବୋଲି ଏବେ ଆଶଙ୍କା କରାଯାଉଛି। କାରଣ ଷ୍ଟକ୍ ସୀମା ନିର୍ଦ୍ଧାରଣ ହୋଇଥିବାରୁ ବଜାରରେ ଉପଲବ୍ଧତା ହ୍ରାସ ହେବ। ଏଣୁ ରିଟେଲର ଉଚ୍ଚା ଦରରେ କିଣି ଅଧିକ ଦରରେ ବିକିବା ଯୋଗୁ ଅଟା ଦର ମହଙ୍ଗା ହେବ ବୋଲି କୁହାଯାଉଛି।

ବ୍ୟବସାୟୀ ସଂଘ ଷ୍ଟକ୍ ସୀମା ନିର୍ଦ୍ଧାରଣ କରାଯିବାର ଏହା ଉଚିତ ସମୟ ନୁହେଁ ବୋଲି କହିଛନ୍ତି। ଏଣୁ ସରକାର ଏ ବାବଦେ ଦୃଷ୍ଟି ଦେବେ ବୋଲି ସଂଘ ଆଶାବ୍ୟକ୍ତ କରିଛନ୍ତି। ରାଜସ୍ଥାନ ଖାଦ୍ୟପଦାର୍ଥ ବ୍ୟବସାୟୀ ସଂଘର ଅଧ୍ୟକ୍ଷ ବାବୁଲାଲ ଗୁପ୍ତା କହିଛନ୍ତି ଯେ ଷ୍ଟକ୍ ସୀମା ଏପରି ଏକ ସମୟରେ ଲାଗୁ କରାଯାଇଛି ଯେତେବେଳେ ମଣ୍ଡିକୁ ନୂଆ ଗହମ ଆସିବା ପ୍ରାରମ୍ଭ ହେଉଛି। ଗହମ ଷ୍ଟକର ସୀମା ନିର୍ଦ୍ଧାରଣ ହୋଇଥିବାରୁ ବ୍ୟବସାୟୀ ଅଧିକ ଗହମ କିଣି ମହଜୁଦ ରଖି ପାରିବେ ନାହିଁ। ଏଣୁ ଏହାର ଦୁଷ୍ପ୍ରଭାବ ଚାଷୀଙ୍କୁ ଭୋଗିବାକୁ ପଡିବ ବୋଲି ସେ କହିଛନ୍ତି।

ଚାଷୀ ଏବେ ଗହମ ଅମଳ କରି ମଣ୍ଡିକୁ ଆଣିବେ। ହେଲେ ଷ୍ଟକ ସୀମା ନିର୍ଦ୍ଧାରିତ ହୋଇଥିବାରୁ ତାଙ୍କୁ କ୍ରେତା ମିଳିବେ ନାହିଁ। ଏଣୁ କ୍ରେତା ନଥିବାରୁ ଚାଷୀଙ୍କୁ ଗହମ ଦର ହ୍ରାସ କରି ବିକ୍ରି କରିବାକୁ ପଡିବ। ତେବେ ସରକାର ଏପରି କିଛି ହଇରାଣ କରିପାରନ୍ତି ବୋଲି ଚାଷୀ ଆଗରୁ ହୁଏତ ଆକଳନ କରି ନେଇଥିଲେ। ଏଣୁ ଗତ ଖରିଫ ଋତୁରେ ଚାଷୀ ଗହମ ଚାଷର ରକବା ଆଗୁଆ ହ୍ରାସ କରିଦେଇଥିଲେ। ଏଣୁ ହୁଏତ ଚାଷୀଙ୍କୁ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ପଡି ନପାରେ ବୋଲି ମଧ୍ୟ ଆକଳନ କରାଯାଉଛି। କାରଣ ଗହମ କମ ଉତ୍ପାଦନ ହୋଇଥିବାରୁ ଚାଷୀ ତାର ବଳକା ଗହମକୁ ମଣ୍ଡିକୁ ଆଣିବ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ହେ ଭଗବାନ**
ଗଢିବା ଭାଙ୍ଗିବା
ସବୁ ତୁମରି ଇଚ୍ଛା
ମିଛେ ଖାଲି ଭକ୍ତେ
କରୁଛ ପରୀକ୍ଷା
ହେ ଭଗବାନ
ଏହି କି ତୁମ୍ଭର ଲୀଳା ଦୁନିଆଁ
**ଭଗବାନ**



ଶ୍ରୀ ଅଭିରାମ ସରସ୍ୱତୀ

ଆତ୍ମାକୁ ବହୁ କଷ୍ଟ ଦେଲି
ନିଜ ଠାକୁର ନଚିହ୍ନିଲି (୧୦୦)
ଏପରି ମନଦୁଃଖ କରି
ଶୋଇଲି ବୃକ୍ଷ ଆଶ୍ରା କରି
(୧୦୧)
ଆତ୍ମାକୁ କଷ୍ଟ ହେଲା ଯେଣୁ
ଆତ୍ମାରୁ ବାଣୀ ହେଲା ତେଣୁ
(୧୦୨)
ଅନ୍ତର ବାହାରେ ଅନନ୍ତ
ମୁଁ ସବସ୍ତ ଭୂତରେ ଉଦିତ (୧୦୩)

ତୋ ହୃଦ କମଳେ ମୁଁ ଅଛି
ନାମ ଅନନ୍ତ ପ୍ରକାଶୁଛି (୧୦୪)
ଏ ନାମ ହୃଦେ ତୁହି ଧରି
ଘୋର ସଂସାରୁ ହୁଅ ପାରି
(୧୦୫)

ଜୀବ ଜଗତ ମଧ୍ୟେ ଥାଇ
ଅନନ୍ତ ନାମ ଅଭିବାଇ (୧୦୬)

ଜାଣଇ ନାହିଁ ଦୁଃଖ ସୁଖ
ଜାଣଇ ନାହିଁ ଯୋଗ ଭୋଗ
(୧୦୭)

ଜାଣଇ ନାହିଁ ମନ୍ତ୍ର ଯନ୍ତ୍ର
ଜାଣଇ ନାହିଁ ମୁହିଁ ତନ୍ତ୍ର (୧୦୮)

କେବଳ ନାମ ମୋ ଭରସା
ଅନନ୍ତ ଛଡା ନାହିଁ ଆଶା (୧୦୯)

ବୁଝୁ ନ ବୁଝୁ ଏ ଜଗତ
କେବଳ ସାକ୍ଷୀ ମୋ ଅନନ୍ତ
(୧୧୦)

ଏ ଭାବେ ଜୀବନ କାଟୁଛି
ଅଭି ନ ଜାଣେ ଆନ କିଛି
(୧୧୧)

ସେ ଦିନୁ ଭକ୍ତ ଆତଜାତ
ଯେଣୁ ଅଛନ୍ତି ଶ୍ରୀ ଅନନ୍ତ (୧୧୨)

ଭକତ ଭଗବାନ ଖେଳ
ଭାବରେ ଖାଲି ମୁହିଁ ଭୋଳ
(୧୧୩)

ଯେଉଁଠି ପ୍ରଭୁ ଶ୍ରୀ ଅନନ୍ତ
ମୁହିଁ ତ ସେଠାରେ ନିମିତ୍ତ
(୧୧୪)

ଭକତ ଭାବେ ଭାବଗ୍ରାହୀ
ଉଚିତ ଫଳ ଦେବେ ସେହି (୧୧୫)

ବିଚାର କଉସ୍ଥା ମୋର ପ୍ରଭୁ
ଭାବ ଅଭାବ ସେହି ସବୁ (୧୧୬)
ସବସ୍ତ ସମର୍ପିସ୍ତ ବସି ଅଛି
ନାମ କେବଳ ହୃଦେ ଅଛି(୧୧୭)

ଅନନ୍ତ ନାମ ସାକ୍ଷୀ ରଖି
ଭକତ ନାବ ବାହୁ ଅଛି (୧୧୮)
ମୁଁ ମୂଢ ଅଜ୍ଞାନୀ କୁନର
କରେ ନି ପ୍ରଭୁଙ୍କୁ ଜୁହାର (୧୧୯)

ଜାଣେନି ଦାସ ଭାବ ମୁହିଁ
ଜାଣିନି ଭଗବାନ କାହିଁ (୧୨୦)

ପ୍ରଚାର ପ୍ରସାର ଜାଣିନି
ଧୂପ ନୈବେଦ୍ୟ ମୁଁ ଜାଣିନି(୧୨୧)

ଅନ୍ତର ଆତ୍ମାରେ ଭଜୁଛି
କେବଳ ଭକ୍ତିରେ ଡାକୁଛି (୧୨୨)

ବିଶ୍ୱାସ ଫୁଲମାଳ ଧରି
ଡାକୁଛି ଆହେ ବଂଶଧାରୀ (୧୨୩)

ଶାନ୍ତିର ଜଳ ହସ୍ତ ରଖି
ଦେଉଛି ଆହେ ନନ୍ଦବସ୍ଥି (୧୨୪)

ଶ୍ରଦ୍ଧାର ଫଳ ତୋତେ ଦେଇ
ଭକ୍ତିରେ ନୈବେଦ୍ୟ କରଇ (୧୨୫)

ଆଉମୋ ପାଶେ କିଛି ନାହିଁ
ରଖିଲେ ରଖ ଭାବଗ୍ରହୀ (୧୨୬)

ଏଥିରେ ଯଦି ତୁ ଆନନ୍ଦ
ତୋ ଭକ୍ତ ରଖ ଆଦିକନ୍ଦ (୧୨୭)

(କ୍ରମଶଃ)

# "ଡେଭିଲ ଧୂମକେତୁ" ଆସୁଅଛି, ହେଲୀ କେବେ ? (୪)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪

ଗତ ଆଲେଖ୍ୟ ଗୁଡିକରେ ରେ ଆମେ "ଡେଭିଲ ଧୂମକେତୁ", "ହେଲୀ ଧୂମକେତୁ" ଓ ଅନ୍ୟ ଧୂମକେତୁ ମାନଙ୍କର ଅବସ୍ଥିତି ବିଷୟରେ କିଛି ତଥ୍ୟ ଜାଣିଥିଲୁ।ଆଜି ଆମେ ଏକ ନୂତନ ବିଷୟ ଆରମ୍ଭ କରିବା ବୋଲି ଚିନ୍ତା କରିଥିଲି। ମାତ୍ର ଜଣେ ଅତ୍ୟନ୍ତ ଆଗ୍ରହୀ ପାଠକଙ୍କ ଠାରୁ ଫୋନ ପାଇଲି ଏବଂ ତାଙ୍କର ବକ୍ତବ୍ୟ ହେଲା ଯେ ସେ ନିର୍ଦ୍ଦିଷ୍ଟ ଧୂମକେତୁ ବିଷୟରେ ଜାଣି ପାରିଲେ କିନ୍ତୁ ଧୂମକେତୁ ବିଷୟରେ ସାଧାରଣ ଜ୍ଞାନ ପାଇ ପାରିଲେ ନାହିଁ। ତାଙ୍କର କହିବା ଅନୁଯାୟୀ ଆଜି ନାସା ଦ୍ୱାରା ପ୍ରକାଶିତ ଧୂମକେତୁ ସମ୍ବନ୍ଧରେ କେତେକ ତଥ୍ୟ ଉପଯୁକ୍ତ ଚିତ୍ର ସହ ଏଠାରେ ଉପସ୍ଥାପନା କରୁଛି।

ଧୂମକେତୁ ବରଫ ଏବଂ ଧୂଳିରେ ନିର୍ମିତ ବୃହତ୍ ବସ୍ତୁ ଯାହା ସୂର୍ଯ୍ୟକୁ ପରିକ୍ରମା କରେ । ସେମାନେ ଲମ୍ବାଓ ସରୁ ଲାଞ୍ଜ ପାଇଁ ସର୍ବବିଦିତ। ଏହି ପ୍ରାଚୀନ ବସ୍ତୁଗୁଡ଼ିକ ୪.୬ ଶହ କୋଟି ବର୍ଷ ପୂର୍ବେ ସୌର ପ୍ରଣାଳୀର ଅବଶିଷ୍ଟ ଅଂଶ ରୁ ଗଠିତ।



(୧) ISONଧୂମକେତୁ
ସୌଜନ୍ୟ: ନାସା / MSFC / ଆରୋନ୍ କିଙ୍ଗେରି





(୨) ସୌର ପ୍ରଣାଳୀ, ବାହ୍ୟ ଗଠନ କୁଇପର ବେଲ୍ଟ ଓ ଉର୍ଟ କ୍ଲାଉଡ୍
ସୌଜନ୍ୟ: ନାସା / JPL/ Caltech

ମନେହୁଏ ISONଧୂମକେତୁ ସୂର୍ଯ୍ୟ ଏବଂ ଗ୍ରହ ସୃଷ୍ଟି ହେବା ଦିନଠାରୁ କିଛି ସାମଗ୍ରୀ ଧାରଣ କରିଥାଏ । ସେଗୁଡ଼ିକ ଆମ ସୌରପ୍ରଣାଳୀରେ ବିଶାଳ, ଥଣ୍ଡା ଦ୍ୱାରା ସଂରକ୍ଷିତ ଟାଇମ୍ କ୍ୟାପସୁଲ ପରି । କୁଇପର ବେଲ୍ଟ ଆମ ସୌର ପ୍ରଣାଳୀରେ ଗ୍ରହମାନଙ୍କର କକ୍ଷପଥ ବାହାରେ । ଉର୍ଟ କ୍ଲାଉଡ୍ କୁଇପର ବେଲ୍ଟଠାରୁ ବହୁ ଦୂରରେ।

**ଧୂମକେତୁ କେଉଁଠୁ ଆସେ ?**–ଏଗୁଡ଼ିକ ପ୍ରାୟତଃ ସୌରପ୍ରଣାଳୀରୁ ହିଁ ବାହାରିଥାଏ। କେତେକ ଧୂମକେତୁ କୁଇପର ବେଲ୍ଟ ନାମକ ନେପ୍ଚୁନ୍ ର କକ୍ଷପଥ ବାହାରେ ଏକ ପ୍ରଶସ୍ତ ଡିସ୍କରେ ବିଦ୍ୟମାନ । ଆମେ ଏହାକୁ ସ୍ୱଳ୍ପ ସମୟର ଧୂମକେତୁ କହିବା। ସେମାନେ ସୂର୍ଯ୍ୟ କକ୍ଷପଥରେ ୨୦୦ ବର୍ଷରୁ କମ୍ ସମୟ ନେଇଥାନ୍ତି । ଅନ୍ୟ ଧୂମକେତୁ ମାନେ ସୌରପ୍ରଣାଳୀର ଗୋଲେଇ ଆକୃତିର, ବାହ୍ୟ ଧାରରେ ଥିବା ଉର୍ଟ କ୍ଲାଉଡ୍ ରେ ରହନ୍ତି ଯାହା କୁଇପର ବେଲ୍ଟ ଅପେକ୍ଷା ସୂର୍ଯ୍ୟଠାରୁ ପ୍ରାୟ ୫୦ ଗୁଣ ଦୂରରେ । ଏମାନଙ୍କୁ ଦୀର୍ଘ ସମୟର ଧୂମକେତୁ କୁହାଯାଏ କାରଣ ସେମାନେ ସୂର୍ଯ୍ୟଙ୍କ କକ୍ଷପଥରେ ଅଧିକ ସମୟ ନେଇଥାନ୍ତି । ଦୀର୍ଘତମ ଜଣାଶୁଣା କକ୍ଷପଥ ସହିତ ଧୂମକେତୁ ସୂର୍ଯ୍ୟଙ୍କ ଚାରିପାଖରେ କେବଳ ଗୋଟିଏ ଥର ଯାତ୍ରା କରିବାକୁ ଆନୁମାନିକ ୨୫୦,୦୦୦ ବର୍ଷରୁ ଅଧିକ ସମୟ ନେଇଥାଏ।

ଧୂମକେତୁ ପୃଥିବୀ ନିକଟକୁ ଆସନ୍ତି କିପରି ଯାହା ଦ୍ୱାରା ଆମେ ସେଗୁଡିକୁ ଦେଖିପାରୁଛୁ ? - ଏକ ଗ୍ରହ କିମ୍ବା ତାରାର ମାଧ୍ୟାକର୍ଷଣ ଶକ୍ତି କୁଇପର ବେଲ୍ଟ କିମ୍ବା ଉର୍ଟ କ୍ଲାଉଡ୍ ରେ ଥିବା ଧୂମକେତୁକୁ ଟାଣିପାରେ। ଏହି ଜୋରରେ ଟାଣିବା ଶକ୍ତି ଧୂମକେତୁକୁ ସୂର୍ଯ୍ୟ ଆଡକୁ ମଧ୍ୟ ପୁନଃ ସାଳନ ନିର୍ଦ୍ଦେଶ କରିପାରିବ। ଏହି ପୁନଃ ନିର୍ଦ୍ଦେଶିତ ଧୂମକେତୁର ପଥଗୁଡ଼ିକ ଲମ୍ବା, ପ୍ରସାରିତ ଅଣ୍ଡାକୃତିର ।

ଧୂମକେତୁ ସୂର୍ଯ୍ୟ ଆଡକୁ ଦ୍ରୁତ ଗତିରେ ଟାଣି ହୋଇଯିବା ପରେ ଏହା ସୂର୍ଯ୍ୟଙ୍କ ପଛରେ ଘୁରି ବୁଲେ, ତାପରେ ଯେଉଁଠାରୁ ଆସିଛି ସେହି ଆଡକୁ ମୁହାଁଇରହେ। କେତେକ ଧୂମକେତୁ ସୂର୍ଯ୍ୟକିରଣରେ ବୁଡ଼ି ଯାଆନ୍ତି, ଆଉ ଦେଖାଯାନ୍ତି ନାହିଁ। ଯେତେବେଳେ ଧୂମକେତୁ ଭିତର ସୌରପ୍ରଣାଳୀରେ ଥାଏ, ଆସିବା କିମ୍ବା ଯିବାବେଳେ ଆମେ ଏହାକୁ ଆମ ଆକାଶରେ ଦେଖିପାରିବା ।



(୩) ହେଲୀ ଧୂମକେତୁର କକ୍ଷପଥ





(୪) ଧୂମକେତୁର ଅଂଶ ବିଶେଷ
ସୌଜନ୍ୟ: ନାସା / JPL-Caltech





(୫) ସୂର୍ଯ୍ୟ ଓ ଧୂମକେତୁର ଲାଞ୍ଜ
ସୌଜନ୍ୟ: ନାସା / JPL-Caltech



୬) ୟୁରୋପୀୟ ସ୍ପେସ୍ ଏଜେନ୍ସି ରୋସେଟ୍ଟା ଦ୍ୱାରା ପ୍ରେରିତ ଚିତ୍ର
ସୌଜନ୍ୟ: ESA / Rosetta / NavCam

ଏହି (୩) ଚିତ୍ରଟି ଗ୍ରହମାନଙ୍କର ଅଧିକ ବୃତ୍ତାକାର କକ୍ଷପଥରେ ହେଲୀ ଧୂମକେତୁ (ଧଳା ବିନ୍ଦୁ) ର ୭୬ ବର୍ଷର, ଅଣ୍ଡାକୃତି କକ୍ଷପଥକୁ ଦେଖାଏ। (୪) ଚିତ୍ରଟି ଧୂମକେତୁର ବିଭିନ୍ନ ଅଂଶବିଶେଷ ଦେଖାଏ।

**ଧୂମକେତୁର ଅଂଶଗୁଡ଼ିକ କ'ଣ ?**–ପ୍ରତ୍ୟେକ ଧୂମକେତୁ କେନ୍ଦ୍ରରେ ନ୍ୟୁକ୍ଲିୟସ୍ ବା ନାଭିପିଣ୍ଡ ନାମକ ଏକ କଠିନ ଓ ଥଣ୍ଡା ଅନ୍ତଃସ୍ଥଳ ଅଛି । ଧୂଳି ଏବଂ ବରଫର ଏହି ବଲ୍‌ର ଚଉଡା ସାଧାରଣତଃ୧୦ମାଇଲ୍ (୧୬କିଲୋମିଟର) ଠାରୁ କମ୍ - ଏକ ଛୋଟ ସହରର ଆକାର । ଯେତେବେଳେ ଧୂମକେତୁ କୁଇପର ବେଲ୍ଟ କିମ୍ବା ଉର୍ଟ କ୍ଲାଉଡ୍‌ର ବାହାରେ ଥାଏ, ବୈଜ୍ଞାନିକମାନେ ବିଶ୍ୱାସ କରନ୍ତି ଯେ ସେମାନଙ୍କ ପାଇଁ ବହୁତ କିଛି ଅଛି - କେବଳ ଥଣ୍ଡା ନାଭିପିଣ୍ଡ ।

କିନ୍ତୁ ଯେତେବେଳେ ଧୂମକେତୁ ସୂର୍ଯ୍ୟଙ୍କ ନିକଟତର ହୁଏ, ଏହା ଗରମ ହେବା ଆରମ୍ଭ କରେ । ପରିଶେଷରେ, ବରଫ ଗ୍ୟାସରେ ପରିଣତ ହେବାକୁ ଲାଗେ। ଏହାଦ୍ୱାରା ଧୂଳିଥିବା ଗ୍ୟାସ ଧୂମକେତୁର ବାହାରକୁ ବିସ୍ଫୋରଣ ହୋଇପଳାଇଯାଏ। ଗ୍ୟାସ୍ ଏବଂ ଧୂଳିକଣା ନାଭିପିଣ୍ଡ (ଅନ୍ୟ ନାମ କୋମା) ଚାରିପାଖରେ ଏକ ବିରାଟ, ଅସ୍ପଷ୍ଟ ଚାଦର ସୃଷ୍ଟି କରେ ।

**ଧୂମକେତୁର ଲାଞ୍ଜ କିପରି ଗଠନ ହୁଏ ?**

ଯେହେତୁ ଧୂଳି ଏବଂ ଗ୍ୟାସ୍ ନ୍ୟୁକ୍ଲିୟସ୍ ଠାରୁ ଦୂରେଇ ଯାଏ, ସୂର୍ଯ୍ୟ କିରଣ ଏବଂ ସୂର୍ଯ୍ୟଙ୍କଠାରୁ ଆସୁଥିବା କଣିକା ସେମାନଙ୍କୁ ଏକ ଉଜ୍ଜ୍ୱଳ ଲାଞ୍ଜ ଭିତରକୁ ଠେଲିଦିଏ ଯାହା ଧୂମକେତୁର ପଛରେ ଲକ୍ଷ ଲକ୍ଷ ମାଇଲ ପର୍ଯ୍ୟନ୍ତ ଲମ୍ବିଥାଏ ।

ଯେତେବେଳେ ଜ୍ୟୋତିର୍ବିଜ୍ଞାନୀମାନେ ଅତି ନିକଟରୁ ଦେଖନ୍ତି, ସେମାନେ ଜାଣନ୍ତି ଯେ ଧୂମକେତୁ ର ପ୍ରକୃତରେ ଦୁଇଟି ପୃଥକ ଲାଞ୍ଜ ଅଛି । ଗୋଟିଏ ଧଳା ଦେଖାଯାଏ ଏବଂ ଧୂଳିରେ ତିଆରି । ଏହି ଧୂଳିଆ ଲାଞ୍ଜ ଧ୍ୱନି ପଛପଟ ପ୍ରଶସ୍ତଏବଂ ଧୀରେ ଧୀରେ ବକ୍ର ପଥ ଅନୁସରଣ କରେ । ଅନ୍ୟ ଲାଞ୍ଜଟି ନୀଳରଙ୍ଗର ଏବଂ ବୈଦ୍ୟୁତିକ ଚାର୍ଜିତ ଗ୍ୟାସ୍ ଦ୍ୱାରା କିମ୍ବା ପରମାଣୁ (ion)ଦ୍ୱାରା ଗଠିତ । ଏହି ଲାଞ୍ଜ ସବୁବେଳେ ସୂର୍ଯ୍ୟଠାରୁ ସିଧାସଳଖ ଦୂରରେ ଥାଏ ।

ଧୂମକେତୁର ଉଭୟ ଲାଞ୍ଜ ସବୁବେଳେ ସୂର୍ଯ୍ୟଠାରୁ ଦୂରରେ ଥାଏ । ନୀଳ ଲାଞ୍ଜ ସବୁବେଳେ ସୂର୍ଯ୍ୟଠାରୁ ସିଧାସଳଖ ଦୂରରେ ଥିବାବେଳେ ଧୂଳିଆ ଲାଞ୍ଜ (ହଳଦିଆ) ସୂର୍ଯ୍ୟଠାରୁ ନୀଳ ଲାଞ୍ଜଠାରୁ ଟିକିଏ ଭିନ୍ନ ଦିଗରେ ସୂଚିତ କରେ।

ଆମେ ଧୂମକେତୁ ବିଷୟରେ କିପରି ଜାଣିବା ? - ହଜାର ହଜାର ବର୍ଷ ଧରି ଲୋକମାନେ ଧୂମକେତୁ ପାଇଁ ଆଗ୍ରହୀ ଥିଲେ । କିନ୍ତୁ ନାଭିପିଣ୍ଡ ଗ୍ୟାସ୍ ଏବଂ ଧୂଳି ଦ୍ୱାରା ଆଚ୍ଛାଦିତ ହୋଇଥିବାରୁ ପୃଥିବୀରୁ ଧୂମକେତୁର ନ୍ୟୁକ୍ଲିୟସର ଭଲ ଦୃଶ୍ୟ ପାଇବା ସମ୍ଭବ ହେଉନଥିଲା। ସାମ୍ପ୍ରତିକ ବର୍ଷଗୁଡିକରେ, ଅନେକ ମହାକାଶଯାନକୁ ନିକଟରୁ ଧୂମକେତୁ ଅଧ୍ୟୟନ କରିବାର ସୁଯୋଗ ମିଳିଛି ।

ନାସାର ଷ୍ଟାରଡଷ୍ଟ ମିଶନ କୋମେଟ ୱାଇଲ୍ଡ-୨ ରୁ ନମୁନା ସଂଗ୍ରହ କରିଥିଲା ଏବଂ ସେମାନଙ୍କୁ ପୃଥିବୀକୁ ଫେରାଇ ଆଣିଲା । ବୈଜ୍ଞାନିକମାନେ ସେହି କଣିକାଗୁଡ଼ିକୁ ହାଇଡ୍ରୋକାର୍ବନରେ ଭରପୂର ବୋଲି ଜାଣିଲେ, ଯାହାକି ରାସାୟନିକ ପଦାର୍ଥ ଯାହାକୁ ଆମେ ଜୀବନର "ନିର୍ମାଣକାରୀ ବ୍ଲକ" ଭାବରେ ବିବେଚନା କରୁ।

ରୋସେଟ୍ଟା, ୟୁରୋପୀୟ ସ୍ପେସ୍ ଏଜେନ୍ସିର ଏକ ମିଶନ୍ ଯେଉଁଥିରେ ଅନେକ ନାସା ଯନ୍ତ୍ର ଥିଲା, ସେ ଧୂମକେତୁ ୬୭ଚଚୁରୁମୋଭ-ଜେରାସିମେଙ୍କୋ ଅଧ୍ୟୟନ କରିଥିଲା। ରୋଜେଟା ନ୍ୟୁକ୍ଲିୟସରେ ଏକ ଲ୍ୟାଣ୍ଡର୍ ପକାଇଲା, ଏବଂ ପରେ ଦୁଇ ବର୍ଷ ଧରି ଧୂମକେତୁର ପରିକ୍ରମା କଲା । ରୋଜେଟା ମଧ୍ୟ ଏହି ଧୂମକେତୁ ରେ ଜୀବନର ନିର୍ମାଣ ବ୍ଲକଗୁଡିକ ଚିହ୍ନଟ କଲା ଏବଂ ପ୍ରତିଛବିଗୁଡିକ Comet ୬୭Pକୁ ଏକ କଠିନ ବସ୍ତୁ ଭାବରେ ଦର୍ଶାଇଲା ।

ରୋଜେଟା ରବରର ବତକ ଛୁଆ ଆକୃତିର ଧୂମକେତୁ ୬୭ଚ ର ଅବିଶ୍ୱସନୀୟ ଚିତ୍ର (୬) ଉଠାଇଲା । ଏହି ମିଶନଗୁଡିକ ପରେ ଆମେ ବର୍ତ୍ତମାନ ଧୂମକେତୁର ଗଠନ ଏବଂ ସେମାନଙ୍କ ଚାରିପାଖରେ ମିଳୁଥିବା ରାସାୟନିକ ପଦାର୍ଥ ବିଷୟରେ ଅଧିକ କିଛି ଜାଣୁ । ପ୍ରତ୍ୟେକ ମିଶନ ପରେ ଆମର ସୌରପ୍ରଣାଳୀର ଗଠନ ବିଷୟରେ ଆମେ ଟିକିଏ ଅଧିକ ଶିଖିଲୁ।

ଆର ଥରକୁ ଏହି ବିଷୟରେ ଅଧିକ ଆଲୋଚନା କରିବା।

# ସାମ୍ବିଧାନିକ ସଂରକ୍ଷଣର ପୃଷ୍ଠଭୂମି



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଭାରତବର୍ଷରେ ଉଭୟ ଜାତିବ୍ୟବସ୍ଥା ଓ ସଂରକ୍ଷଣ ବ୍ୟବସ୍ଥା ବିବାଦୀୟ ପ୍ରସଙ୍ଗ ହୋଇଆସିଛି। ଦଳେ ଅଛନ୍ତି ଯେଉଁମାନେ ଜାତିବ୍ୟବସ୍ଥାକୁ ବିରୋଧ କରନ୍ତି। ଏମାନେ ଜାତିବିହୀନ ସମାଜରେ ବିଶ୍ୱାସ କରନ୍ତି ଓ ଏହାର ସପକ୍ଷରେ କହନ୍ତି। ଏମାନଙ୍କ ଯୁକ୍ତି ଯେ ଜାତିବ୍ୟବସ୍ଥା ଯୋଗୁଁ ସଂରକ୍ଷଣ ବ୍ୟବସ୍ଥାର ସୃଷ୍ଟି ହୋଇଛି। ତେଣୁକରି ଜାତି ହଟିଲେ ଆପଣା ଛାଏଁ ଜାତିଗତ ସଂରକ୍ଷଣ ମଧ୍ୟ ହଟିଯିବ। ଅନ୍ୟ ଏକ ଦଳ ରହିଛନ୍ତି ଯେଉଁମାନେ ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧ କରନ୍ତି, କିନ୍ତୁ ଜାତିବ୍ୟବସ୍ଥାକୁ ସ୍ୱୀକାର କରନ୍ତି। ଏମାନଙ୍କ ମତରେ ଜାତି ଧର୍ମାନୁମୋଦିତ ସାମାଜିକ ବ୍ୟବସ୍ଥା, ତେଣୁ ଜାତିବ୍ୟବସ୍ଥାକୁ ବଜାୟିରଖି ଜାତି ଆଧାରିତ ସଂରକ୍ଷଣକୁ ହଟାଇଦେବା ଉଚିତ। ତୃତୀୟ ଗୋଷ୍ଠୀ ରହିଛି ଯେଉଁମାନେ ଉଭୟ ଜାତିବ୍ୟବସ୍ଥା ଓ ସଂରକ୍ଷଣ ବ୍ୟବସ୍ଥାକୁ ସମର୍ଥନ କରନ୍ତି। ଏମାନଙ୍କ ଯୁକ୍ତି ସଂରକ୍ଷଣ ହେଉଛି ଅନଗ୍ରସର ଜାତିମାନଙ୍କ ସାମ୍ବିଧାନିକ ଅଧିକାର। ତେଣୁ ଉଭୟ ଜାତି ଓ ସଂରକ୍ଷଣ ରହିବା ଉଚିତ୍।

ଏ ବିଷୟକୁ ନେଇ ବିତର୍କ ଲାଗିରହିଛି। ବିରୋଧ ଓ ପ୍ରତିରୋଧ ମଧ୍ୟ ଚାଲିଛି। ଯାହା ଅନେକ ସମୟରେ ସାମାଜିକ ବିଦ୍ୱେଷ ଓ ଅସ୍ଥିରତାର କାରଣ ହେଉଛି। ଗଣତନ୍ତ୍ରରେ ଯାହା ସମସ୍ୟା ତା ଉପରେ ବିତର୍କ ହେବା ଜରୁରୀ। କାରଣ ବିତର୍କ ସମାଧାନର ବାଟ ବାହାର କରେ। କେଉଁଟି ଠିକ୍ ଓ କେଉଁଟି ଭୁଲ ତାହା ନିର୍ଣ୍ଣୟ କରିବାରେ ସହାୟକ ହୁଏ। ସମସ୍ୟା ଉପରେ ଆଲୋଚନା ନକରି ଆଡ଼େଇବାକୁ ଚେଷ୍ଟା କରିବା ଅର୍ଥ ସମସ୍ୟାକୁ ବଢିବାରେ ସାହାଯ୍ୟ କରିବା। ସକାରାତ୍ମକ ବିତର୍କ ସର୍ବଦା ଉପାଦେୟ। ତେଣୁ ସଂରକ୍ଷଣ ବ୍ୟବସ୍ଥା ତଥା ଜାତି ବ୍ୟବସ୍ଥା ଉପରେ ବ୍ୟାପକ ଚର୍ଚ୍ଚା ହେବା ଜରୁରୀ। ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ସମସ୍ତେ ଅବଗତ ହେବା ଉଚିତ। କାହିଁକି ସମ୍ବିଧାନର ପ୍ରଣେତାମାନେ ଜାତି ଆଧାରିତ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଛନ୍ତି ତାହା ବୁଝିବାର ଆବଶ୍ୟକତା ରହିଛି। ଏହା ସହିତ ଜାତି ବ୍ୟବସ୍ଥାର ଯୁକ୍ତିଯୁକ୍ତତା କେତେ ତାହା ମଧ୍ୟ ବୁଝିବାର ଆବଶ୍ୟକତା ରହିଛି।

ଜାତିଗତ ସଂରକ୍ଷଣର ପ୍ରାରମ୍ଭକୁ ନେଇ ଦୁଇଟି ମତ ରହିଛି। ଗୋଟିଏ ହେଉଛି ସାମ୍ବିଧାନିକ ସଂରକ୍ଷଣ ଓ ଅନ୍ୟଟି ହେଉଛି ଜାତିବ୍ୟବସ୍ଥା ସହିତ ମୂଳରୁ ସଂଯୁକ୍ତ ହୋଇ ରହିଥିବା ସଂରକ୍ଷଣ। ସ୍ୱାଧୀନତା ପରେ ଭାରତବର୍ଷର ଶାସନ ବ୍ୟବସ୍ଥାକୁ ସୂଚାରୁ ରୂପେ ପରିଚାଳିତ କରିବାପାଇଁ ଯେଉଁ ସମ୍ବିଧାନ ରଚନା କରାଯାଇଛି ସେହି ସମ୍ବିଧାନରେ ଅନଗ୍ରସର ଜାତିମାନଙ୍କର ବିକାଶ ପାଇଁ ଯେଉଁ ସଂରକ୍ଷଣ ସୁବିଧାର ବ୍ୟବସ୍ଥା ରହିଛି ତାହା ହେଉଛି ସାମ୍ବିଧାନିକ ସଂରକ୍ଷଣ। ସମ୍ବିଧାନସମ୍ମତ ଭାବେ ଅନୁସୂଚୀତ ଜାତି, ଅନୁସୂଚୀତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଓ ମହିଳାମାନଙ୍କ ବିକାଶ ପାଇଁ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ଏବଂ କେତେକଙ୍କୁ ରାଜନୀତି କ୍ଷେତ୍ରରେ ସଂରକ୍ଷଣ ସୁବିଧା ଦିଆଯାଇଛି। ଏହିପ୍ରକାର ସଂରକ୍ଷଣର ଆୟୁଷ ମାତ୍ର ସାତ ଦଶକ। ଅବଶ୍ୟ କେତେକ ସଂରକ୍ଷଣ ବହୁପରେ ସମ୍ବିଧାନ ସହିତ ସଂଯୁକ୍ତ ହୋଇଛି। ନାନା ବାଦ ପ୍ରତିବାଦ ମଧ୍ୟଦେଇ ଏହା ଚାଲି ଆସିଛି। ପୋଡ଼ାଜଳା ହୋଇଛି, ଭଙ୍ଗାରୁଜା ହୋଇଛି, ଆତ୍ମାହୁତି ଓ ଆତ୍ମହତ୍ୟା ପର୍ଯ୍ୟନ୍ତ କଥା ଯାଇଛି।

ଏହିପ୍ରକାର ସଂରକ୍ଷଣର ଯାଥାର୍ଥ୍ୟତା ଓ ଆବଶ୍ୟକତା ଉପରେ ସାଧାରଣତଃ ସାମ୍ବିଧାନିକ ସଂରକ୍ଷଣ ପାଉନଥିବା ଗୋଷ୍ଠୀ ବିରୋଧ ମନୋଭାବ ପୋଷଣ କରି ଆସିଛନ୍ତି। ଏମାନଙ୍କ ମଧ୍ୟରୁ ଅନେକେ ସଂରକ୍ଷଣ ଜାତି ଆଧାରରେ ନହୋଇ ଆର୍ଥିକ ଆଧାରରେ ଆର୍ଥିକ ଦୁର୍ବଳ ଶ୍ରେଣୀକୁ ଦିଆଯିବା ଆବଶ୍ୟକ ବୋଲି ଯୁକ୍ତି କରନ୍ତି। ଫଳରେ ଅଗ୍ରସର ବର୍ଗର ଆର୍ଥିକଭାବେ ଯେଉଁମାନେ ଦୁର୍ବଳ ସେମାନେ ମଧ୍ୟ ଏହାର ସୁବିଧା ପାଇପାରିବେ। ଏହି ଯୁକ୍ତି ଆଧାରରେ ଅର୍ଥନୈତିକଭାବେ ଦୁର୍ବଳ ଶ୍ରେଣୀ(ଇଡବ୍ଲୁଏସ) ସଂରକ୍ଷଣ ଦାନାବାନ୍ଧି ସମ୍ବିଧାନରେ ସ୍ଥାନିତ ହୋଇଛି। ଏମାନେ ଅନ୍ୟ ଏକ ଯୁକ୍ତି ଉପସ୍ଥାପନ କରି କହନ୍ତି ଯେ ଜାତିଭିତ୍ତିକ ସଂରକ୍ଷଣ ଯୋଗୁଁ ଜାତିବାଦ ବଢୁଛି। ଏହା ନଥିଲେ ଜାତିବାଦ ଲୋପ ପାଇଥାନ୍ତା। ଏପ୍ରକାର ଯୁକ୍ତି ସପକ୍ଷରେ ବାସ୍ତବତା କେତେ ରହିଛି ତାହା ଅନୁଧ୍ୟାନର ବିଷୟ ନିଶ୍ଚୟ। ଜାତିଭିତ୍ତିକ ସଂରକ୍ଷଣ ଜାତିବ୍ୟବସ୍ଥାକୁ ବଢାଇଛି କି କମାଇଛି ତାହାର ମଧ୍ୟ ଅନୁଧ୍ୟାନ ହେବା ଉଚିତ୍।

ସଂରକ୍ଷଣ ବ୍ୟବସ୍ଥାର ଦ୍ୱିତୀୟ ଦିଗଟି ହେଉଛି ଜାତିବ୍ୟବସ୍ଥା ନିଜେ ଗୋଟିଏ ସଂରକ୍ଷଣ ବ୍ୟବସ୍ଥା। ଭାରତବର୍ଷରେ ଜାତିବ୍ୟବସ୍ଥାର ଜନନୀ ହେଉଛି ବର୍ଣ୍ଣବ୍ୟବସ୍ଥା। ଏହି ବର୍ଣ୍ଣବ୍ୟବସ୍ଥା ଆଉ କିଛି ନୁହେଁ, ଏହା ହେଉଛି ଜାତିଗତ ସଂରକ୍ଷଣ। କେଉଁ ଜାତି କେଉଁ କାମକରିବ ତାହାର ନିର୍ଦ୍ଧାରଣ ହିଁ ବର୍ଣ୍ଣବ୍ୟବସ୍ଥା। ଏହା ମଧ୍ୟରେ ଇଚ୍ଛାକୃତ ବୃତ୍ତି ଓ ବାଧ୍ୟତାମୂଳକ ବୃତ୍ତି ରହିଛି। ଚାରି ବର୍ଣ୍ଣ ମଧ୍ୟରୁ ବ୍ରାହ୍ମଣ, କ୍ଷତ୍ରୀୟ ଓ ବୈଶ୍ୟ ଇଚ୍ଛାକୃତ ବୃତ୍ତି। ପରବର୍ତ୍ତୀ ସମୟରେ ଏଗୁଡିକ ବଂଶାନୁକ୍ରମିକ ହୋଇଯାଇଛି। ଚତୁର୍ଥ ଗୋଷ୍ଠୀ ଶୂଦ୍ର ନାମରେ ନାମିତ। ଏମାନେ ହେଲେ ସେବକ ଗୋଷ୍ଠୀ। ସମସ୍ତ ପ୍ରକାର ଉତ୍ପାଦନ ଓ ଉଚ୍ଚ ତିନି ବର୍ଗର ସେବାକରିବା କାର୍ଯ୍ୟ ଏମାନଙ୍କ ଉପରେ ନ୍ୟସ୍ତ। ଏମାନଙ୍କ ଉପରେ ଲଦାଯାଇଥିବା ବୃତ୍ତି ବାଧ୍ୟତାମୂଳକ। ବର୍ଣ୍ଣବ୍ୟବସ୍ଥା ସମସ୍ତ ଜାତିକୁ ବୃତ୍ତିଗତ ସଂରକ୍ଷଣ ଦେଇଛି। ଏହା ହଜାର ହଜାର ବର୍ଷଧରି ବଂଶାନୁକ୍ରମିକ ଭାବେ ଚାଲି ଆସିଛି। କର୍ମ ଅନୁସାରେ ବର୍ଣ୍ଣ କୁହାଯାଉଥିଲେ ବି ପ୍ରକୃତରେ ବର୍ଣ୍ଣ ଅନୁସାରେ କର୍ମ ଏବଂ ଏହା ବଂଶାନୁକ୍ରମିକ ମଧ୍ୟ।

ବ୍ରାହ୍ମଣ ସଂରକ୍ଷଣ ସୁବିଧା ପାଇଛି ପୂଜାପାଠ କରିବାର ଓ ଜ୍ଞାନ ଚର୍ଚ୍ଚା କରିବାର। କ୍ଷତ୍ରୀୟ ସଂରକ୍ଷଣ ସୁବିଧା ପାଇଛି ବ୍ରାହ୍ମଣର ମାର୍ଗଦର୍ଶନ ଅନୁସାରେ ଶାସନ କରିବାର ଓ ରାଜ୍ୟକୁ ସୁରକ୍ଷା ଦେବାର। ବୈଶ୍ୟ ସଂରକ୍ଷଣ ସୁବିଧା ପାଇଛି ବାଣିଜ୍ୟ ବ୍ୟବସାୟ କରିବାର। ଅନ୍ୟ ପକ୍ଷରେ ଶୂଦ୍ର ସମାଜ ଉପରେ ସଂରକ୍ଷଣ ଲଦାଯାଇଛି ସେବା କରିବାର ଓ ସମସ୍ତ ଉତ୍ପାଦନ କାର୍ଯ୍ୟ ସମ୍ପାଦନ କରିବାର। ଏହି ଶୂଦ୍ର ସମାଜକୁ ହଜାର ହଜାର ଜାତିରେ ଭାଗ କରାଯାଇ ବିଭିନ୍ନପ୍ରକାର କାର୍ଯ୍ୟ ତାଙ୍କ ଉପରେ ଲଦାଯାଇଛି। ବଡ ବିଡ଼ମ୍ବନା ହେଉଛି ଯେଉଁମାନେ ଉତ୍ପାଦକ ଗୋଷ୍ଠୀ ସେମାନେ ସମାଜରେ ନୀଚ ଓ ଘୃଣିତ। ଯେଉଁମାନେ ସଫେଇ କାର୍ଯ୍ୟ କରି ପରିବେଶକୁ ନିର୍ମଳ କରୁଛନ୍ତି ସେମାନେ ଘୃଣିତ ଓ ଅସ୍ପୃଶ୍ୟ। ସ୍ୱାଧୀନତା ପରେ ଅବସ୍ଥାରେ ପରିବର୍ତ୍ତନ ଆସୁଛି। ଜାତି ବ୍ୟବସ୍ଥାର କ୍ରୁରତା ହ୍ରାସ ପାଉଛି। ଏହାର କାରଣ ହେଉଛି ଅନଗ୍ରସର ବର୍ଗ ପାଉଥିବା ସାମ୍ବିଧାନିକ ସଂରକ୍ଷଣ। ଏହା ତାଙ୍କ ଆର୍ଥିକ ବିକାଶ ଓ ସାମାଜିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସହାୟକ ହୋଇଛି।

ବର୍ଣ୍ଣବ୍ୟବସ୍ଥା ପ୍ରଦତ୍ତ ସାମାଜିକ ସଂରକ୍ଷଣ ଏବେବି ବଳବତ୍ତର ରହିଛି। ସାମାଜିକ ମାନସିକତାରେ ପରିବର୍ତ୍ତନ ଆସିନାହିଁ। ମନ୍ଦିରରେ ପୂଜା ବ୍ରାହ୍ମଣ କରିବ। ବାଳ କାଟିବ ବାରିକ। ଲୁଗା ସଫା କରିବ ଧୋବା। ଏହିପରି ଅନେକ କାର୍ଯ୍ୟ ସଂରକ୍ଷିତ ରଖାଯାଇଛି ବିଭିନ୍ନ ଜାତି ପାଇଁ। ବେଳେ ବେଳେ ଶୂଦ୍ରମାନଙ୍କ ଉପରେ ଲଦାଯାଇଥିବା କାର୍ଯ୍ୟକୁ ମାନିବାକୁ ବାଧ୍ୟ କରାଯାଉଛି। ନମାନିଲେ ଅତ୍ୟାଚାର କରାଯାଉଛି। ସବର୍ଣ୍ଣମାନେ ଭାବୁଛନ୍ତି ଆମେ ଯୋଗ୍ୟ ଓ ଶୂଦ୍ରମାନେ ଅଯୋଗ୍ୟ। ଦେଶର ସମସ୍ତ ସୁବିଧା ସୁଯୋଗ ସବର୍ଣ୍ଣମାନେ ପାଇବାକୁ ହକଦାର। ଶୂଦ୍ରମାନେ ଯେମିତି ଥିଲେ ସେହିପରି ରହିବା ଉଚିତ୍। ଏହାହିଁ ଜାତିବାଦ। ଉଚ୍ଚନୀଚ ଭେଦଭାବ ଓ ଘୃଣା-ଦ୍ୱେଷ ଭାବର ସମାହାର ହିଁ ଜାତି। ବର୍ଣ୍ଣବ୍ୟବସ୍ଥାର ସୃଷ୍ଟି କାଳରୁ ଏହା ରହିଛି। ସମ୍ବିଧାନର ପ୍ରଣେତାମାନେ ସମାଜର ଏ ମାନସିକତାକୁ ଠିକଭାବେ ବୁଝିଥିଲେ। ସେମାନେ ଚାହିଁଥିଲେ ସମାଜରେ ସମାନତା ଆଣିବାପାଇଁ। ତଳେ ପଡିଥିବା ଶୂଦ୍ର ସମାଜକୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସେମାନଙ୍କୁ ଚାକିରି, ଶିକ୍ଷା ଓ ସ୍ଥଳ ବିଶେଷରେ ରାଜନୀତି କ୍ଷେତ୍ରରେ ସଂରକ୍ଷଣ ଦେବାର ବ୍ୟବସ୍ଥା କରିଯାଇଛନ୍ତି।

ସଂରକ୍ଷଣ ହେଉଛି ନିର୍ମୂଳୀ ଲତା। ଜାତି ବ୍ୟବସ୍ଥା ଉପରେ ଏହା ମାଡିଛି। ଜାତି ହଟିଲେ ସମସ୍ତ ପ୍ରକାର ଜାତିଗତ ସଂରକ୍ଷଣ ମଧ୍ୟ ହଟିବ। ସାମ୍ବିଧାନିକ ସଂରକ୍ଷଣର ମୂଳ ଆଧାର ଜାତି। ସେହିପରି ସାମାଜିକ ସଂରକ୍ଷଣର ମୂଳ ଆଧାର ମଧ୍ୟ ଜାତି। ଜାତି ବ୍ୟବସ୍ଥା ଏକ ବିକଶିତ ଓ ସୁସଭ୍ୟ ସମାଜର ଲକ୍ଷଣ ନୁହେଁ। ଏହା ହଟିଲେ ସମାଜ ଐକ୍ୟବଦ୍ଧ ହେବ। ସମସ୍ତ ପ୍ରକାର ବିଭେଦ ହଟିବ। ବଂଶାନୁକ୍ରମିକ ଜାତିବ୍ୟବସ୍ଥା ଧର୍ମାନୁମୋଦିତ ମଧ୍ୟ ନୁହେଁ। ତେଣୁ ଯେଉଁମାନେ ସାମ୍ବିଧାନିକ ସଂରକ୍ଷଣକୁ ବିରୋଧ କରୁଛନ୍ତି ସେମାନେ ପ୍ରଥମେ ଚାଲି ଆସିଥିବା ସାମାଜିକ ସଂରକ୍ଷଣକୁ ବିରୋଧ କରନ୍ତୁ ଓ ଏଦିଗରେ ପଦକ୍ଷେପ ନିଅନ୍ତୁ। ଯେଉଁମାନେ ଉଭୟ ସାମାଜିକ ଓ ସାମ୍ବିଧାନିକ ସଂରକ୍ଷଣକୁ ବିରୋଧ କରୁଛନ୍ତି ସେମାନେ ଜାତି ବ୍ୟବସ୍ଥାର ମୂଳୋତ୍ପାଟନ ପାଇଁ ଯୋଜନାବଦ୍ଧ ପଦକ୍ଷେପ ଗ୍ରହଣ କରନ୍ତୁ। ଯେଉଁମାନେ କହୁଛନ୍ତି ସଂରକ୍ଷଣ ଆମ ସମ୍ବିଧାନିକ ଅଧିକାର ସେମାନେ ଏହାର ମହତ୍ ଉଦ୍ଦେଶ୍ୟକୁ ବୁଝନ୍ତୁ। ସମାଜରେ ସମାନତା ସ୍ଥାପନ ହେବାପରେ ଏ ଅଧିକାର ସମାପ୍ତ ହେବା ସ୍ୱାଭାବିକ। ଯେଉଁମାନେ କହୁଛନ୍ତି ଉଭୟ ସଂରକ୍ଷଣ ଓ ଜାତି ବଞ୍ଚିରହୁ ସେମାନଙ୍କ ଯୁକ୍ତି ବି ଭୁଲ। ଏହା ଦ୍ୱାରା ଗୋଟିଏ ପ୍ରଗତିଶୀଳ ସମାଜ ଗଠନ କରାଯାଇ ପାରିବ ନାହିଁ। ତେଣୁ ସଂରକ୍ଷଣ ପାଇଁ ଦାବି କଲାବେଳେ ଓ ଯେଉଁମାନେ ସଂରକ୍ଷଣ ଭୋଗୀ ସେମାନେ ନିଜ ମଧ୍ୟରେ ଥିବା ଜାତିବାଦକୁ ପ୍ରଥମେ ହଟାନ୍ତୁ। କାରଣ ଜାତି ଭେଦଭାବର ଚିରନ୍ତନ ବ୍ୟବସ୍ଥା। ଜାତି ଥିବା ଯାଏଁ ସମାନତା ଆସିପାରିବ ନାହିଁ।

ସ୍ୱାଧୀନତା ପରେ ଆଉ ସାମାଜିକ ସଂରକ୍ଷଣର କୌଣସି ଆବଶ୍ୟକତା ନାହିଁ। ତେଣୁ ବର୍ଣ୍ଣବ୍ୟବସ୍ଥା ଜନିତ ସଂରକ୍ଷଣକୁ ସମାପ୍ତ କରାଯାଉ। ଏହା ହଟିଲେ ସାମ୍ବିଧାନିକ ସଂରକ୍ଷଣ ମଧ୍ୟ ଆପେ ହଟିବ। ମୂଳ ନଥିଲେ ଶାଖା ପ୍ରଶାଖା କୋଉଠୁ ଆସିବ। ସାମ୍ବିଧାନିକ ସଂରକ୍ଷଣ ସେତେଯାଏଁ ପ୍ରାସଙ୍ଗିକ ହୋଇଯିବ ଯେତେଯାଏଁ ସାମାଜିକ ସଂରକ୍ଷଣ ଥିବ। ଏ ଦିଗରେ ବ୍ୟାପକ ବିତର୍କ ହେଉ। ଏ ସମସ୍ତର ଊର୍ଦ୍ଧ୍ୱରେ ଏକ ଭେଦଭାବ ରହିତ ସମତାଭିତ୍ତିକ ସମାଜ ପ୍ରତିଷ୍ଠାର ସଂକଳ୍ପ ସମସ୍ତେ ନିଅନ୍ତୁ। ନୂଆ ସମାଜର ପରିକଳ୍ପନା ସମସ୍ତଙ୍କ ମଧ୍ୟରେ ଅଙ୍କୁରିତ ହେଉ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

# ତୃତୀୟ ଟେଷ୍ଟରୁ ବାଦ୍ ପଡ଼ିଲେ କେଏଲ ରାହୁଲ




**ନୂଆଦିଲ୍ଲୀ**

ଭାରତ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ ରାଜକୋଟ୍‌ରେ ଫେବୃଆରୀ ୧୫ରୁ ଆରମ୍ଭ ହେବ। ଏହି ଟେଷ୍ଟ ପୂର୍ବରୁ ଭାରତୀୟ ଦଳକୁ ବଡ଼ ଝଟ୍‌କା ଲାଗିଛି। ଭାରତୀୟ ଦଳର ୱିକେଟ କିପର ବ୍ୟାଟର କେଏଲ ରାହୁଲ ରାଜକୋଟ ଟେଷ୍ଟ ଖେଳିବେ ନାହିଁ। ପୂର୍ବରୁ ଅବଗତ କରାଯାଇଥିଲା ଯେ, କେଏଲଙ୍କ ଖେଳିବା ନ ଖେଳିବା ତାଙ୍କର ଫିଟ୍‌ନେସ୍ ଉପରେ ନିର୍ଭର କରେ। ଆଉ ସଦ୍ୟତମ ରିପୋର୍ଟ ଅନୁଯାୟୀ, କେଏଲ ସଂପୂର୍ଣ୍ଣ ଫିଟ୍ ହୋଇ ନ ଥିବାରୁ ତୃତୀୟ ଟେଷ୍ଟ ଖେଳିବେ ନାହିଁ। ଅନ୍ୟପଟେ ଭାରତୀୟ ଦଳ ପାଇଁ ଆଶ୍ୱସ୍ତିକର ଖବର ଯେ, ରବୀନ୍ଦ୍ର ଝାଡ଼େଜା ଫିଟ୍ ହୋଇଛନ୍ତି। ତାଙ୍କର ତୃତୀୟ ଟେଷ୍ଟ ଖେଳିବା ପ୍ରାୟତଃ ସ୍ପଷ୍ଟ। ବର୍ତ୍ତମାନ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ୧–୧ରେ ବରାବର ରହିଛି। ପ୍ରଥମ ମ୍ୟାଚ୍‌କୁ ଇଂଲଣ୍ଡ ୨୮ ରନରେ ଜିତିଥିବା ବେଳେ ଦ୍ୱିତୀୟ ଟେଷ୍ଟରେ ଭାରତ ୧୦୬ ରନରେ ବିଜୟ ଲାଭ କରିଥିଲା। ଏବେ ତୃତୀୟ ଟେଷ୍ଟ ଦୁଇ ଦଳ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ତୃତୀୟ ଟେଷ୍ଟରେ କେଏଲ ରାହୁଲଙ୍କ ସ୍ଥାନରେ କର୍ଣ୍ଣାଟକର ବ୍ୟାଟର ଦେବଦତ୍ତ ପାଡ଼ିକଲଙ୍କ ଖେଳିବା ନିଶ୍ଚିତ ଲାଗୁଛି। ଘରୋଇ କ୍ରିକେଟରେ ପାଡ଼ିକଲ ଚମତ୍କାର ଫର୍ମରେ ଅଛନ୍ତି। ତେଣୁ ରାଜକୋଟ ଟେଷ୍ଟରେ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳିପାରେ।

# ଫାଇନାଲରେ ଭାରିପଡୁଛି କଙ୍ଗାରୁ ଟିମ୍, ୩ ମାସରେ ଭାଙ୍ଗିଲାଣି ୨ ଥର ବିଶ୍ୱକପ୍ ଜିତିବାର ସ୍ୱପ୍ନ





**ମୁମ୍ବାଇ**

ପ୍ରଥମେ ୧୯ ନଭେମ୍ବର ୨୦୨୩, ଆଉ ଏବେ ୧୧ ଫେବୃଆରୀ ୨୦୨୪ ଏହି ଦୁଇଟି ତାରିଖକୁ କୌଣସି ଭାରତୀୟ ଫ୍ୟାନ୍ସ କେବେବି ଭୁଲିବେନାହିଁ। କାହିଁକି ନା ଏହି ଦୁଇ ତାରିଖ ଦିନ ଭାରତୀୟ ହୃଦୟ ଭାଙ୍ଗି ଚୁରମାର ହୋଇଥିଲା। ଆଉ ଭାରତୀୟ ଫ୍ୟାନ୍ସଙ୍କ ହୃଦୟ ଭାଙ୍ଗିବାର ମୁଖ୍ୟ କାରଣ ହେଉଛି କଙ୍ଗାରୁ ଟିମ୍। ଦୁଇ ଥର ଯାକ ଭାରତ ବିଶ୍ୱକପ୍ ଜିତିବାର ସପ୍ନ ଧୂଳିସାତ୍ ହୋଇଛି। ୩ ମାସ ମଧ୍ୟରେ ଦୁଇ ଥର ଅଷ୍ଟ୍ରେଲିଆ ଟିମ୍ ଭାରତୀୟ ଦଳକୁ ହରାଇ ବିଶ୍ୱ ଚାମ୍ପିଅନ୍ ହୋଇଛି।

ଖବର ଅନୁଯାୟୀ, ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ଦମ୍‌ଦାର ଫର୍ମରେ ଥିଲା ଟିମ୍ ଇଣ୍ଡିଆ। ଲିଗ୍ ଓ ସେମିକୁ ମିଶାଇ ଟିମ୍ ଇଣ୍ଡିଆ ମୋଟ୍ ୧୦ଟି ଯାକ ମ୍ୟାଚ୍ ଜିତି ଫାଇନାଲରେ ପ୍ରବେଶ କରିଥିଲା। ହେଲେ ଫାଇନାଲରେ ଅଷ୍ଟ୍ରେଲିଆ ଟିମ୍ ଭାରତୀୟ ଦଳକୁ ହରାଇ ଚାମ୍ପିଅନ ହୋଇଥିଲା। ଆଉ ଭାଙ୍ଗିଥିଲା କୋଟି କୋଟି ଭାରତୀୟଙ୍କ ସ୍ୱପ୍ନ।

ସେହିପରି ୨୦୨୪ରେ ଖେଳାଯାଉଥିଲା ଜୁନିୟର ଦିନିକିଆ ବିଶ୍ୱକପ୍ ଏଥିରେ ବି ଦମ୍‌ଦାର ଫର୍ମରେ ଥିଲା ଟିମ୍ ଇଣ୍ଡିଆ। ଲିଗ୍ ଓ ସେମିର ସମସ୍ତ ମ୍ୟାଚ୍ ଜିତି ଫାଇନାଲରେ ଦଳ କରିଥିଲା ପ୍ରବେଶ। ହେଲେ ଫାଇନାଲରେ ବି ହେଲା ସମାନ ଅବସ୍ଥା। ଯୁବ ଅଷ୍ଟ୍ରେଲିଆ ଠାରୁ ପରାସ୍ତ ହୋଇଥିଲା ୟଙ୍ଗ ଇଣ୍ଡିଆ। ଆଉ ଷଷ୍ଠ ଥର ପାଇଁ ଭାରତୀୟ ଦଳର ଟାଇଟଲ ଜିତିବା ସ୍ୱପ୍ନ ଧୂଳିସାତ୍ ହୋଇଗଲା। କଙ୍ଗାରୁ ଟିମ୍ ଚତୁର୍ଥ ଥର ପାଇଁ ହେଲା ବିଶ୍ୱ ଚମ୍ପିଅନ୍।

ତେବେ ଏହି ଜୁନିୟର ବିଶ୍ୱକପ୍‌ରେ ଦମ୍‌ଦାର ଥିବା ବ୍ୟାଟିଂ ଲାଇନ୍‌ଅପ୍ ଫାଇନାଲରେ ଫେଲ୍ ମାରିଥିଲା। ଆଉ ମାତ୍ର ୨୫୪ ରନ୍ ଟାର୍ଗେଟ୍‌କୁ କରିପାରିନଥିଲେ ହାସଲ, ଯାହାଫଳରେ ଟିମ୍ ଫାଇନାଲରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ୭୯ ରନ୍ ବିଜୟୀ ହୋଇଥିଲା କଙ୍ଗାରୁ ଟିମ୍।

# ଇଶାନ କିଷନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ ବିସିସିଆଇ




**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ତାରକା ବ୍ୟାଟର୍ ଇଶାନ କିଷନଙ୍କ ସମସ୍ୟା ବଢିବାକୁ ଯାଉଛି। ବିସିସିଆଇ ଇଶାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯୋଜନା କରୁଛି। ରଣଜୀ ଟ୍ରଫିରେ ଝାଡ଼ଖଣ୍ଡ ପକ୍ଷରୁ ଇଶାନ ଗୋଟିଏ ବି ମ୍ୟାଚ୍ ଖେଳି ନାହାନ୍ତି। ଏହା ବ୍ୟତୀତ ସେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ମଧ ଉପଲବ୍ଧ ନ ଥିଲେ। ଏହା ସ୍ପଷ୍ଟ ହୋଇଛି ଯେ ଇଶାନ ଘରୋଇ ଏବଂ ଟେଷ୍ଟ କ୍ରିକେଟ ପରିବର୍ତ୍ତେ ଆଇପିଏଲକୁ ଗୁରୁତ୍ୱ ଦେଉଛନ୍ତି। ବିସିସିଆଇ ଏଥିରେ ଅସନ୍ତୋଷ ପ୍ରକାଶ କରିଛି ଏବଂ କିଶାନଙ୍କୁ ଏକ ଚେତାବନୀ ଦିଆଯିବାକୁ ନିଶ୍ଚିତ ହୋଇଛି। ମାନସିକ ସ୍ୱାସ୍ଥ୍ୟ ଦର୍ଶାଇ ଇଶାନ ଦକ୍ଷିଣ ଆଫ୍ରିକା ଗସ୍ତରୁ ବିରତି ନେଇଥିଲେ। କିଶାନଙ୍କ ପାଇଁ ଏକ ସର୍ତ୍ତ ସ୍ଥିର ହୋଇଥିଲା ଯେ ଟିମ୍ ଇଣ୍ଡିଆରେ ପ୍ରତ୍ୟାବର୍ତ୍ତନ କରିବାକୁ ହେଲେ ତାଙ୍କୁ ପ୍ରଥମେ ପଡ଼ିଆରେ ନିଜକୁ ପ୍ରମାଣ କରିବାକୁ ପଡ଼ିବ। କିନ୍ତୁ କିଶାନ ଦୁଇ ମାସ ଧରି ପଡ଼ିଆରୁ ଦୂରେଇ ରହିଛନ୍ତି। ଟାଇମ୍ସ ଅଫ ଇଣ୍ଡିଆର ରିପୋର୍ଟ ଅନୁଯାୟୀ ଇଶାନ ବର୍ତ୍ତମାନ ଆଇପିଏଲ ମାଧ୍ୟମରେ ସିଧାସଳଖ ପଡ଼ିଆକୁ ଫେରିବେ। ଏଥିରେ କୁହାଯାଇଛି, ଟେଷ୍ଟ କ୍ରିକେଟ ପରିବର୍ତ୍ତେ ଆଇପିଏଲକୁ ଅଗ୍ରାଧିକାର ଦେଉଥିବା କୌଣସି ଭାରତୀୟ ଖେଳାଳିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ଏହି ଖେଳାଳିମାନଙ୍କୁ ବିସିସିଆଇ ଦ୍ୱାରା ଚେତାବନୀ ଦିଆଯିବ। କେବଳ ଏତିକି ନୁହେଁ, ଯଦି ବରିଷ୍ଠ ଖେଳାଳିମାନେ ଆହାତରୁ ଫେରିବା ପରେ ଘରୋଇ କ୍ରିକେଟ ଖେଳନ୍ତି ନାହିଁ, ତେବେ ଟିମ୍ ଇଣ୍ଡିଆର କବାଟ ମଧ ସେମାନଙ୍କ ପାଇଁ ବନ୍ଦ ହୋଇପାରେ।

# ବିରାଟଙ୍କ ବିଷୟରେ ଭୁଲ ସୂଚନା ଦେଇଥିବାରୁ କ୍ଷମା ମାଗୁଛି : ଡିଭିଲିୟର୍ସ

**ନୂଆଦିଲ୍ଲୀ**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ୫ଟି ମ୍ୟାଚ୍‌ର ଟେଷ୍ଟ ସିରିଜର ପ୍ରାରମ୍ଭିକ ମ୍ୟାଚ୍‌ରେ କ୍ରିକେଟର ବିରାଟ କୋହଲି ସାମିଲ ହୋଇ ନାହାନ୍ତି। ବ୍ୟକ୍ତିଗତ କାରଣ ପାଇଁ ସେ ବିସିସିଆଇରୁ ଛୁଟି ନେଇଥିବା ଜଣାପଡ଼ିଛି। ଏହି କ୍ରମରେ ବିରାଟଙ୍କ ଘନିଷ୍ଠ ବନ୍ଧୁ ତଥା ଦକ୍ଷିଣ ଆଫ୍ରିକାର ପୂର୍ବତନ କିମ୍ବଦନ୍ତୀ ଖେଳାଳି ଏବି ଡିଭିଲିୟର୍ସ କୋହଲି ଦ୍ୱିତୀୟ ଥର ବାପା ହେବାକୁ ଯାଉଛନ୍ତି ବୋଲି ଏକ ମନ୍ତବ୍ୟ ଦେଇଥିଲେ। ଏହି ମନ୍ତବ୍ୟ ନିଆଁ ଭଳି ବ୍ୟାପୀ ଯାଇଥିଲା। ନିକଟରେ ଏବି ଡିଭିଲିୟର୍ସ ଏହି ମନ୍ତବ୍ୟରୁ ଓହରି ଯାଇ କ୍ଷମା ମାଗିଛନ୍ତି। ସେ ବିରାଟ ଦ୍ୱିତୀୟ ଥର ବାପା ହେବାକୁ ଯାଉଥିବା କଥା କହିଥିବା ବେଳେ ଏବେ ଏଥିରୁ ଓହରି ଯାଇ କହିଛନ୍ତି, ମୁଁ ବିରାଟଙ୍କ ବିଷୟରେ ଭୁଲ ସୂଚନା ପାଇଥିଲି ଆଉ ସୋସିଆଲ ମିଡିଆରେ ବିରାଟ ଦ୍ୱିତୀୟଥର ବାପା ହେବାକୁ ଯାଉଛନ୍ତି ବୋଲି କହି ଦେଇଥିଲି ଏହା ମୋ ଦ୍ୱାରା ଭୁଲ ହୋଇଯାଇଛି ମୋତେ କ୍ଷମା କରିଦେବେ।

# ଦ୍ୱିତୀୟ ଲିପୁ ମେମୋରିଆଲ ଭେଟେରାନ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୋନପୁର ସହରର ସୁରେଶ୍ୱରୀ ଫୁଟ୍‌ବଲ୍ ଏକାଡେମୀ ଦ୍ୱାରା ସ୍ଥାନୀୟ ସୋନପୁର କଲେଜ ପଡ଼ିଆ ଠାରେ ଆୟୋଜିତ ଏକ ଦିବସୀୟ ଲିପୁ ମେମୋରିଆଲ ଭେଟେରାନ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି ଏଥିରେ ଓଡ଼ିଶାର ବଛାବଛା ଭେଟେରାନ ଦଳର ଖେଳାଳିମାନଙ୍କୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଏସ୍‌ଏସ୍‌ଏଫ୍‌ଏ ସୋନପୁର, ବରଗଡ଼, ବଲାଙ୍ଗୀର, ଏମ୍‌ସିଏଲ ବୁର୍ଲା, ରେଢ଼ାଖୋଲ, ବୁର୍ଲା ସହର, ରାମଧୁନ କ୍ଲବ ସୋନପୁର, ବ୍ରଜରାଜନଗର, ସମ୍ବଲପୁର ପ୍ରମୁଖ ଦଳମାନଙ୍କୁ ନେଇ ଚାଲିଥିବା ମ୍ୟାଚ୍‌ର ଫାଇନାଲ ଖେଳରେ ବିଜୟୀ ଦଳଭାବରେ ସମ୍ବଲପୁର ୱିନର ହୋଇ ଥିବା ବେଳେ ରନର୍ସ ଭାବରେ ବୁର୍ଲା ଭେଟେରାନ ଦଳ ବିଜୟୀ ହୋଇ



ମୁଖ୍ୟ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲେ। ମ୍ୟାଚ୍ ସମୁହର ବେଷ୍ଟ ଡିଫେଣ୍ଡର ଭାବରେ ସମ୍ବଲପୁରର ବିବେକାନନ୍ଦ ମହାନ୍ତି, ବେଷ୍ଟ ସ୍କୋରର ଅଶୋକ ଖଡ଼ିଆ, ବେଷ୍ଟ ଗୋଲକିପର ବୁର୍ଲାର ମହମ୍ମଦ ଜିଲାନି, ହିରୋ ଅଫ ଦି ମ୍ୟାଚ୍ ଭାବରେ ବୁର୍ଲାର ଅରୁଣ ମେହେର ଓ ସୁରଟି ଦୀପଙ୍କୁ ବେଷ୍ଟ ପ୍ଲେଆର ଭାବରେ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁରର ଭେଟେରାନ ଫୁଟବଲ ଖେଳାଳି ତଥା ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ, ଜିଲ୍ଲା ଠିକାଦାର ସଂଘ ସଭାପତି ଜୟମାଧବ ମିଶ୍ର, ଜିଲ୍ଲା ବ୍ୟବସାୟୀ ସଂଘର ଉପଦେଷ୍ଟା ଗୁଣନିଧି ମେହେର, ବିବେକାନନ୍ଦ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସ୍ୱର୍ଗତ ଲିପୁ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିବା ବେଳେ ଉପସ୍ଥିତ ଭେଟେରାନ ଫୁଟ୍‌ବଲ୍ ଖେଳାଳିମାନଙ୍କ ଖେଳର ଉଚ୍ଚ ପ୍ରଶଂସା କରିଥିଲେ। ସୋମବାରର ସମସ୍ତ ଖେଳକୁ ଅଭି ମହାନନ୍ଦ, ବିଜୁ ସାହୁ, ବିକାଶ ସେଠୀ, ପ୍ରହଲ୍ଲାଦ ଭୁକ୍ତା, ଲିପୁନ ପ୍ରଧାନ ପରିଚାଳନା କରିଥିବା ବେଳେ ପୀତବାସ ଭୋଇ, ସଞ୍ଜୟ ସାହୁ, ଦୀଲିପ ପାତ୍ର ପ୍ରମୁଖ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ସୁରେଶ୍ୱରୀ ଫୁଟ୍‌ବଲ୍ ଏକାଡ଼େମୀର ମୁଖ୍ୟ ନିଶାନ୍ତ କୁମାର ମହାନ୍ତି, ସୁବ୍ରତ ସେଠୀ, ସଞ୍ଜୟ କୁମାର ସାହୁ, ଜ୍ୟୋତିର୍ମୟ ମିଶ୍ର, ସ୍ୱରୁପ ପାତ୍ର, ହରିହର ପଟ୍ଟନାୟକ, ସୁରେନ ବାରିକ, ସନ୍ତୋଷ ନାଏକ, ଅନିଲ ସାହୁ, ବିଶ୍ୱାମିତ୍ର ନାଏକ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନେଦରଲାଣ୍ଡ୍‌ସକୁ ସୁଟ୍ ଆଉଟ୍ କଲା ଭାରତ

**ଭୁବନେଶ୍ୱର**

ଚଳିତ ଏଫଆଇଏଚ୍ ପୁରୁଷ ହକି ପ୍ରୋ–ଲିଗ୍‌ରେ ଭାରତ ଓ ନେଦରଲାଣ୍ଡ୍‌ସ ମୁକାବିଲା ରୋମାଞ୍ଚକ ଭାବେ ଶେଷ ହୋଇଛି। ନିୟମିତ ସମୟରେ ମ୍ୟାଚ୍ ୨–୨ ଗୋଲ୍‌ରେ ଶେଷ ହୋଇଥିଲେ ମଧ ଭାରତ ସୁଟ୍ ଆଉଟ୍ (୪–୨)ରେ ବିଜୟୀ ହୋଇ ବୋନସ୍ ପଏଣ୍ଟ ପାଇଛି। ଏଥିସହ ହର୍ମନପ୍ରୀତ ସିଂହଙ୍କ ଦଳ ଲଗାତାର ବିଜୟ ହାସଲ କରିଛି। ସୁଟ୍ ଆଉଟ୍ ବେଳେ ଭାରତ ପାଇଁ ହର୍ମନପ୍ରୀତ ସିଂହ, ସୁଖଜିତ ସିଂହ, ଲଳିତ ଉପାଧ୍ୟାୟ, ସାମସେର ସିଂହ ଗୋଲ ଦେଇଥିଲେ। ପ୍ରତିପକ୍ଷର ଦୁଇଟି ପ୍ରୟାସକୁ ଭାରତୀୟ ଗୋଲି ପି.ଆର. ଶ୍ରୀଜେଶ ପଣ୍ଡ କରିଦେବା ଘରୋଇ ଦଳକୁ ବିଜୟୀ ମଣ୍ଡିତ କରିଛି। ପ୍ରଥମ କ୍ୱାର୍ଟର ଦ୍ୱାଦଶ ମିନିଟ୍‌ରେ ଭାରତ ଲଗାତାର ଦୁଇଟି ପେନାଲ୍ଟି କର୍ଣ୍ଣର୍ ଅର୍ଜନ କରିଥିଲେ। ହେଲେ ଗୋଲ ହୋଇ ପାରିନଥିଲା। ପରେ ହାର୍ଦ୍ଦିକ ସିଂହ ବ୍ୟାକ୍ ପାସ୍‌ରୁ ଚମତ୍କାର ଫିଲ୍ଡ ଗୋଲ ଦେଇ ଭାରତକୁ ଆଗୁଆ କରିଥିଲେ। ଦ୍ୱିତୀୟ କ୍ୱାର୍ଟରରେ କିନ୍ତୁ ନେଦରଲାଣ୍ଡ୍‌ସ ନିଜ ଲୟକୁ ଫେରି ପ୍ରାଧାନ୍ୟ ବିସ୍ତାର କରିଥିଲା। ଏହି ୧୫ ମିନିଟ୍ ଖେଳରେ ଅର୍ଜନ କରିଥିବା ୨ଟି ପେନାଲ୍ଟି କର୍ଣ୍ଣରରୁ ଗୋଟିଏକୁ ଯାନସେନ ଜିପ୍ (୩୦ ମିନିଟ) ଗୋଲ୍‌ରେ ପରିଣତ କରିବାରୁ ମୁକାବିଲା ୧–୧ ସ୍ତରକୁ ଚାଲି




ଆସିଥିଲା। ପାର୍ଶ୍ୱ ପରିବର୍ତ୍ତନ ସହ ତୃତୀୟ କ୍ୱାର୍ଟର୍‌ରେ ମଧ ସମାନ କଥା ଘଟିଥିଲା। ଦୁଇଟି ପିସିରୁ ଗୋଟିଏକୁ ଗୋଲ୍‌ରେ ପରିଣତ କରି ଦେଇଥିଲେ କୋଏନ ବାୟେନ। ନେଦରଲାଣ୍ଡ୍‌ସ ପ୍ରଥମ ଥର ଅଗ୍ରଣୀ ନେଇଥିଲା। ଚତୁର୍ଥ କ୍ୱାର୍ଟର୍‌ରେ ଭାରତୀୟ ଖେଳାଳି ଦମ୍ ଲଗାଇ ଦେଇଥିଲେ। କିଛି ଫିଲ୍ଡ ଗୋଲ ଓ ଲଗାତାର ପେନାଲ୍ଟି କର୍ଣ୍ଣର୍ ପାଇଥିଲେ ମଧ ସବୁ ନିଷ୍ଫଳ ଯାଇଥିଲା। ଭାଗ୍ୟ କିନ୍ତୁ ଭିନ୍ନ ଥିଲା। ଭିଡିଓ ରେଫେରାଲ୍‌ରେ ଭାରତ ଅର୍ଜନ କରିଥିଲା ସପ୍ତମ ପେନାଲ୍ଟି କର୍ଣ୍ଣର। ଏହାକୁ ଗୋଲ୍‌ରେ ପରିଣତ କରି ହର୍ମନପ୍ରୀତ ସିଂହ (୫୮ ମିନିଟ) ମ୍ୟାଚ୍‌କୁ ୨–୨ ସ୍ତରକୁ ନେଇ ଆସିଥିଲେ। ଶେଷକୁ ଶେଷ ୩ ମିନିଟ୍‌ର ଖେଳରେ ଭାରତ ବିଶ୍ୱର ଏକ ନମ୍ବର ଦଳକୁ ହରାଇବାରେ ସକ୍ଷମ ହୋଇଥିଲା।

# ଝିଅକୁ ମନେପକାଇ ଭାବପ୍ରବଣ ହେଲେ ମହମ୍ମଦ ଶାମି

**ନୂଆଦିଲ୍ଲୀ**

ଭାରତୀୟ ଦଳର ଦ୍ରୁତ ବୋଲର ମହମ୍ମଦ ଶାମି ବର୍ତ୍ତମାନ ସେ ତାଙ୍କ ଝିଅ ଏବଂ ପତ୍ନୀଙ୍କ ଠାରୁ ଦୂରରେ ଅଛନ୍ତି। ଶାମି ଏବଂ ତାଙ୍କ ପତ୍ନୀଙ୍କ ମଧ୍ୟରେ କିଛି ଠିକ୍ ଚାଲିନାହିଁ ଯେଉଁଥିପାଇଁ ଦୁହେଁ ପରସ୍ପର ଠାରୁ ଅଲଗା ରହିବାକୁ ସ୍ଥିର କରିଥିଲେ। ହେଲେ ଶାମି ତାଙ୍କ ପରିବାରକୁ ସବୁବେଳେ ମିସ୍ କରନ୍ତି। ଏନେଇ ଏକ ସାକ୍ଷାତ୍‌କାର ସମୟରେ ଶାମି କହିଥିଲେ ଯେ କିଏ ତାଙ୍କ ପିଲା ଏବଂ ପରିବାରକୁ ମନେ କରନ୍ତି ନାହିଁ। ବେଳେବେଳେ ପରିସ୍ଥିତି ଏପରି ହୋଇଥାଏ ଯେ ଆମେ ସେମାନଙ୍କୁ ଭେଟି ପାରୁ ନାହିଁ କିନ୍ତୁ ଆମେ ସେମାନଙ୍କୁ ମିସ୍ କରୁ। ଏହା ଅତ୍ୟନ୍ତ କଷ୍ଟ। ଶାମି ତାଙ୍କ ପରିବାରକୁ ମନେ ପକାଇ ଟିକେ ଭାବପ୍ରବଣ ଦେଖାଯାଉଥିଲେ। ସେ କହିଥିଲେ ଯେ ମୋର ତାଙ୍କ ସହ ବହୁତ କମ୍ କଥାବାର୍ତ୍ତା ହୁଏ କାରଣ ଯେତେବେଳେ ମୋ ପତ୍ନୀ ଚାହିଁଲେ ମୁଁ ମୋ ଝିଅ ସହିତ କଥାବାର୍ତ୍ତା କରିପାରେ। ବହୁତ ଦିନ ହେଲା ମୁଁ ମୋ ଝିଅକୁ ଦେଖି ନାହିଁ।

# ଭାରତର ବଡ଼ କୂଟନୈତିକ ବିଜୟ : ସ୍ୱଦେଶ ଫେରିଲେ କତରରେ ବନ୍ଦୀ ପୂର୍ବତନ ନୌସେନା କର୍ମଚାରୀ

**ଭୁବନେଶ୍ୱର, ପିଆଇବି**

କତର ଜେଲ୍‌ରୁ ମୁକୁଳିବା ପରେ ପୂର୍ବତନ ଭାରତୀୟ ନୌସେନା କର୍ମଚାରୀ ମାନେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହା ଭାରତ ପାଇଁ ଏକ ବଡ଼ କୂଟନୈତିକ ବିଜୟ। ପୂର୍ବରୁ ମୋଦି ସରକାରଙ୍କ କୂଟନୈତିକ ପ୍ରୟାସ କାରଣରୁ ପୂର୍ବତନ ନୌସୈନିକମାନଙ୍କ ମୃତ୍ୟୁ ଦଣ୍ଡାଦେଶକୁ ଆଜୀବନ କାରାବାସକୁ କମାଇ ଦିଆଯାଇଥିଲା। ବର୍ତ୍ତମାନ ସେମାନେ ଜେଲ୍‌ରୁ ମୁକୁଳିବା ସହିତ ନିରାପଦ ଭାବେ ଭାରତ ଫେରିଛନ୍ତି।

ଅଗଷ୍ଟ ୨୦୨୨ରେ କ୍ୟାପ୍ଟେନ ନଭ୍‌ତେଜ୍ ସିଂ ଗିଲ୍, କ୍ୟାପ୍ଟେନ ସୌରଭ ବଶିଷ୍ଠ, କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ, କ୍ୟାପ୍ଟେନ ବୀରେନ୍ଦ୍ର କୁମାର ବର୍ମା, କମାଣ୍ଡର ସୁଗୁଣକର ପାକାଲା, କମାଣ୍ଡର ସଞ୍ଜୀବ ଗୁପ୍ତା, କମାଣ୍ଡର ଅମିତ ନାଗପାଲ ଓ ନାବିକ ରାଗେଶଙ୍କୁ ଗିରଫ କରାଯାଇଥିଲା ଏବଂ ସେବେଠାରୁ ସେମାନେ କତର ଜେଲ୍‌ରେ ଥିଲେ।

୨୬ ଅକ୍ଟୋବର ୨୦୨୩ରେ କତର ଅଦାଲତ ସମସ୍ତ ଆଠ ଜଣ ଭାରତୀୟଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ। ସୂଚନାଯୋଗ୍ୟ ଯେ କପ୍ ୨୮ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କତରର ଅମିର୍ ବା ଶାସକ ଶେଖ୍ ତମିମ୍ ବିନ ହମାଦ ଅଲ୍‌-ଥାନିଙ୍କୁ ଭେଟି ତାଙ୍କ ସହ ଏ ବିଷୟରେ ଆଲୋଚନା କରିଥିଲେ। ଏହାପରେ ଡିସେମ୍ବର ମାସରେ ମୃତ୍ୟୁ ଦଣ୍ଡାଦେଶକୁ କମାଇ ଦିଆଯାଇଥିଲା।

ଏବେ ଭାରତ ଫେରିଥିବା ଅବସରପ୍ରାପ୍ତ ନୌସେନା କର୍ମଚାରୀ ମାନେ ସେମାନଙ୍କ ମୁକ୍ତି ପାଇଁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଭାରତ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ କହିଛନ୍ତି, ଭାରତକୁ ସୁରକ୍ଷିତ ଭାବେ ଫେରିଥିବାରୁ ଆମେ ଖୁସି ନିଶ୍ଚିତ ଭାବେ, ଆମେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଦେବାକୁ ଚାହିଁବୁ କାରଣ କେବଳ ତାଙ୍କର ବ୍ୟକ୍ତିଗତ ହସ୍ତକ୍ଷେପ କାରଣରୁ ଏହା ସମ୍ଭବ ହୋଇପାରିଥିଲା।

ସଂକଟ ସମୟରେ ବିଦେଶ ମାଟିରେ ଫସି ରହିଥିବା ନିଜ ନାଗରିକଙ୍କୁ ଭାରତ ସରକାର ସୁରକ୍ଷିତ ଭାବେ ଫେରାଇ ଆଣିବାର ଏହା ପ୍ରଥମ ଘଟଣା ନୁହେଁ। ଭାରତ ସବୁବେଳେ ନିଜର ପ୍ରତ୍ୟେକ ନାଗରିକଙ୍କ ଜୀବନର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆସିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ସଂକଟପୂର୍ଣ୍ଣ ପରିସ୍ଥିତିରେ ଫସି ରହିଥିବା ଭାରତୀୟ ନାଗରିକମାନଙ୍କୁ ଉଦ୍ଧାର କରିବା ଓ ସେମାନଙ୍କୁ ସ୍ୱଦେଶକୁ ଫେରାଇ ଆଣିବା ଲାଗି ସବୁବେଳେ ତ୍ୱରିତ ଓ ନିର୍ଣ୍ଣାୟକ ନିଷ୍ପତ୍ତି ନେବା ସହିତ ଭାରତର କୂଟନୈତିକ ଓ ସାମରିକ ଦକ୍ଷତାକୁ ଯଥାସମ୍ଭବ ଉପଯୋଗ କରିଛନ୍ତି।

ବିଶ୍ୱର ପ୍ରମୁଖ ରାଷ୍ଟ୍ରନେତାଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସମୀକରଣ ଏବଂ ଭାରତର ବର୍ଦ୍ଧିତ ଅନ୍ତର୍ଜାତୀୟ ଭାବମୂର୍ତ୍ତି ବିପଦପୂର୍ଣ୍ଣ ଅଞ୍ଚଳରୁ ହଜାର ହଜାର ଭାରତୀୟଙ୍କୁ ନିରାପଦ ଭାବେ ଫେରାଇ ଆଣିବାରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି।

# ଜାତୀୟ ରଗ୍‌ବୀ ପ୍ରତିଯୋଗିତାରେ ରେଫ୍‌ରୀ ହେବେ ଚନ୍ଦନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**



ଚଳିତ ମାସ ୧୩ ଓ ୧୪ ତାରିଖ ଗୁଜୁରାଟର ଗାନ୍ଧୀ ନଗର ଠାରେ ଅନୁଷ୍ଠିତ ହେବାକୁ ଥିବା ୧୪ ବର୍ଷରୁ କମ୍ ସର୍ବଭାରତୀୟ ରଗ୍‌ବୀ ପ୍ରତିଯୋଗିତା ପାଇଁ ମ୍ୟାଚ୍ ଅଫିସିଆଲ ତଥା ରେଫ୍‌ରୀ ଭାବେ ମୟୂରଭଞ୍ଜ ଜିଲ୍ଲାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ରଗବୀ ପ୍ରଶିକ୍ଷକ ଚନ୍ଦନ ସିଂ ମନୋନୀତ ହୋଇଛନ୍ତି। ଗୋପବନ୍ଧୁ ନଗର ବ୍ଲକ୍ ଅନ୍ତର୍ଗତ ଆରପଟା ପଞ୍ଚାୟତର ପର୍ଚିପୁର ଗ୍ରାମର ପିତା ନୀଳାମ୍ବର ସିଂ ଓ ମାତା ରଇବାରୀ ସିଂଙ୍କ କନିଷ୍ଠ ପୁତ୍ର ହେଉଛନ୍ତି ଚନ୍ଦନ। ସେ ଜଣେ ଗରିବ ଚାଷୀ ପରିବାରରୁ ହୋଇଥିବା ବେଳେ +୨ ପଢୁଥିବା ବେଳେ ୨୦୧୪ ମସିହା ଠାରୁ ରୂପାଲି ସୋରେନଙ୍କ ତତ୍ତ୍ୱାବଧାନରେ ରଗ୍‌ବୀ ଖେଳିବା ଆରମ୍ଭ କରିଥିଲେ। ସେ ୪ଥର ଓଡ଼ିଶା ଦଳକୁ ପ୍ରତିଧ୍ୱନିତ କରିଛନ୍ତି। ତାଙ୍କ ପ୍ରଶିକ୍ଷଣ ପାଇ ବହୁ ଖେଳାଳି ରାଜ୍ୟ ଓ ଜାତୀୟ ସ୍ତରରେ ମଧ ଅଂଶଗ୍ରହଣ କରି ପାରିଛନ୍ତି। ଏହି ଖବର ପାଇ ଏକାଡେମୀର ନିର୍ଦ୍ଦେଶକ ଅମର ସେଠୀ, ଉପଦେଷ୍ଟା ସୋମନାଥ ସିଂ, ମଙ୍ଗଲ ହାଁସଦା, ଓଡ଼ିଶା ରଗ୍‌ବୀ ସଂଘର ସମ୍ପାଦକ ଉପେନ୍ଦ୍ର ମହାନ୍ତି, କୋଚ୍ ମାନସ କୁମାର ଜେନା, ଧିରେନ କୁମାର ରାଉତ ଓ ଏକାଡେମୀର ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ତଥା ସମସ୍ତ କର୍ମକର୍ତ୍ତା ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION RAIRANGPUR (MAYURBHANJ)
E-mail ID: - eerwrairangpur@yahoo.com
Letter No. 855 // Date- 09.02.2024
"e" Procurement Notice for Road Works
Bid Identification No - RWDRRP - 31 / 2023-24
O-2512

1. Name of the work : S/R to RD road to Rahilbeda (Badampahad to Upebeda) road for the year 23-24
2 Estimated Cost : Rs 50.41 lakhs (approximately),
3. Class of Contractor : 'B' Class or relevant Class of works license
4. Period of Completion : 01 (One) calendar months.
5. Tender Paper Cost : Rs 10,000/-

The details are as follows.

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E, Rural Works Division, Rairangpur. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| S.E.R.W Division, Rairangpur. | RWDRRP-31/2023-24 | 13.02.2024 at 11.00 A.M. | 17.02.2024 up to 5.00 P.M. | 16.02.2024 up to 5.00 P.M. | 19.02.2024 at 11.30 A.M. | 20.02.2024 at 11.30 A.M. |

Further details can be seen from the website www.tendersodisha.gov.in

Sd/- Er. D.Behera
Superintending Engineer
R.W.Division, Rairangpur
OIPR-25107/11/0037/2324

Government of Odisha
Office of the Superintending Engineer,
Rural Works Division,Dhenkanal.
E-Mail: eerwdivisiondhenkanal@yahoo.co.in
O-2517
e-procurement Notice No. 23 / Road Works / 2023-24.

1. Name of the work : Road Works
2. Total No. of Works : 07(Seven) Nos.
3. Estimated Cost : Rs. 4.94 lakh to 8.67 lakh(approx.)
4. Class Contractor : "D" & "C" Class
5. Period of Completion : 01(One) calendar month
6. EMD Required : As mentioned in the Annexure at Column-04
7. online for bidding : 15.02.2024 at 11.00 A.M to 19.02.2024 up to 5.00 P.M
8. Last Date & Time of seeking tender clarification : 17.02.2024 upto 4.00 PM
9. Date & Time of opening of tender (Technical & Financial Bid) : 20.02.2024 at 11.00AM

Other Details can be seen from the website http://tendersorissa.gov.in.

Sd/- Executive Engineer,
R.W. Division, Dhenkanal
OIPR-25101/11/0029/2324

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER,
CENTRAL RURAL WORKS CIRCLE, BHUBANESWAR
O-1527
No. 698 /Date.05.02.2024
"e" Procurement Notice for Building Works

| | | | |
|---|---|---|---|
| 1. | Name of the Work | : | Building work |
| 2. | Total No. of works: | : | 01 No. of Building work for the year 2023-24 |
| 3. | Estimated Cost of the work: | : | Rs.109.69 lakh |
| 4. | Class of Contractor | : | |
| | a)Estimated cost more than Rs. 20.00 lakhs up to Rs. 3.00 Crores. | | B Class (of Odisha PWD) or relevant class of other licensing authorities |
| | b)Estimated cost more than Rs. 1.00 Crore up to Rs. 20.00 Crores. | | A Class (of Odisha PWD) or relevant class of other licensing authorities |
| 5. | Period of completion | : | As mentioned in Column-7 of Annexure |
| 6. | Offered rates by bidder | : | The offered rate by the contractor shall be excluding GST. |
| 7. | Other details | : | |

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender | |
|---|---|---|---|---|---|
| | | From | To | Technical Bid | Financial Bid |
| 1 | 2 | 3 | 4 | 5 | 6 |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.07 of 2024 | 14.02.2024 at 11.00 A.M. | 28.02.2024 up to 5.00 P.M. | 29.02.2024 at 11.00 A.M. | To be intimated lateron |

Further details can be seen from the web site www.tendersodisha.gov.in

Sd/-Chief Construction Engineer
Central Rural Works Circle, Bhubaneswar
OIPR-25082/11/0051/2324

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ଓ ବାଲିଷ୍ଟିକ୍ ସମ୍ପର୍କିତ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

**ବାଲେଶ୍ୱର, ନ୍ୟୁଜ୍**

ଓଡ଼ିଶା ଫିଜିକାଲ୍ ସୋସାଇଟିର ୪୦ତମ ବାର୍ଷିକ ସମ୍ମିଳନୀ ଓ ପଦାର୍ଥ ବିଜ୍ଞାନ ଏବଂ ବାଲିଷ୍ଟିକ୍ କ୍ଷେତ୍ରରେ ସାମ୍ପ୍ରତିକ ଅଗ୍ରଗତି ଉପରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଦୁଇଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମର ମୁଖ୍ୟ ପୃଷ୍ଠପୋଷକତା କରିଥିଲେ। ସମ୍ମିଳନୀର ମୁଖ୍ୟ ଅତିଥିଭାବେ ପରମାଣୁ ଶକ୍ତି କମିଶନର ଚେୟାରମ୍ୟାନ୍ ତଥା ଭାରତ ସରକାରଙ୍କ ପରମାଣୁ ଶକ୍ତି ବିଭାଗ ସଚିବ ପ୍ରଫେସର ଅଜିତ କୁମାର ମହାନ୍ତି ଯୋଗଦେଇଥିଲେ। ସେ ନିଜ ଉଦ୍‌ବୋଧନରେ ସୌରଶକ୍ତିର ଉପଯୋଗୀତାକୁ ଶକ୍ତିର ମୁଖ୍ୟ ଉତ୍ସ ହେଉ ଏବଂ ଆଣବିକ ଶକ୍ତିର ଅପବ୍ୟବହାର ନହେଉ ବୋଲି ମତବ୍ୟକ୍ତ କରିଥିଲେ। କୁଳପତି ପ୍ରଫେସର ତ୍ରିପାଠୀ




ଏହି ସମ୍ମିଳନୀ ଦ୍ୱାରା ଛାତ୍ରଛାତ୍ରୀ ନିଜ ଜ୍ଞାନ ଓ ଗବେଷଣା ପାଇଁ ନୂତନ ଦିଗ ଆହରଣ କରିପାରିବେ ବୋଲି ମତପ୍ରକାଶ କରିଥିଲେ।

ସମ୍ମିଳନୀର ପ୍ରମୁଖ ଅତିଥିମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ ଆଇଟିଆର(ଚାନ୍ଦିପୁର)ର ନିର୍ଦ୍ଦେଶକ ହରେକୃଷ୍ଣ ରଥ, ନିର୍ଦ୍ଦେଶକ ପିଏକ୍ସଇର ନିର୍ଦ୍ଦେଶକ ସୁବୋଧ କୁମାର ନାୟକ, ଓଡ଼ିଆ ଫିଜିକାଲ ସୋସାଇଟିର ପ୍ରେସିଡେଣ୍ଟ ପ୍ରଫେସର ରୀତା ପାଇକରାୟ, ଟାଟା ଇନଷ୍ଟିଚ୍ୟୁଟ ଅଫ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ, ବେଙ୍ଗାଲୁରୁର ନିର୍ଦ୍ଦେଶକ ପ୍ରଫେସର ଜୟରାମ ଏନ୍, ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିଜର ଉଦ୍‌ବୋଧନ ରଖିଥିଲେ। ପ୍ରଫେସର ରୀତା ପାଇକରାୟ ଓଡ଼ିଶା ଫିଜିକାଲ ସୋସାଇଟି ସବୁବେଳେ ଯୁବ ବୈଜ୍ଞାନିକଙ୍କ ବିକାଶ ଏବଂ ସହଯୋଗିତାରେ ପ୍ରୟାସରତ ବୋଲି କହିଥିଲେ। ଏଣୁ ପଦାର୍ଥ ବିଜ୍ଞାନରେ ନୂତନ ଗବେଷଣାତ୍ମକ ଅଧ୍ୟୟନ କରିବାକୁ ଛାତ୍ରଛାତ୍ରୀଙ୍କୁ ସେ ଉତ୍ସାହିତ କରିଥିଲେ।

ଏଥିସହ ୧୧ ଜଣ ପଦାର୍ଥ ବିଜ୍ଞାନର ବରିଷ୍ଠ ଅଧ୍ୟାପକମାନଙ୍କୁ ସମ୍ମାନିତ କରାଯାଇଥିଲା। ଯୁବ ବୈଜ୍ଞାନିକ ଭାବରେ ଡ଼କ୍ଟର ସୁଚିସ୍ମିତା ସାହୁ ଓ ଡ଼କ୍ଟର ହିମାଦ୍ରୀ ତନୟା ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବ ପରେ ପ୍ରଫେସର ଜୟରାମ ବେଙ୍ଗାଲୁରୁ, ପ୍ରଫେସର ଭୂପେନ୍ଦ୍ର ଏନ୍ ଦେବ, ପ୍ରଫେସର ଅଜୟ କୁମାର ଘଟକଙ୍କ ଦ୍ୱାରା ବିଶିଷ୍ଟ ବୈଜ୍ଞାନିକଙ୍କ ସ୍ମୃତିଚାରଣ କରାଯାଇ, ସେମାନଙ୍କ ଉଦ୍ଦେଶ୍ୟରେ ଗବେଷଣାତ୍ମକ ତଥ୍ୟ ଉପସ୍ଥାପନା କରାଯାଇଥିଲା।

ଓଡ଼ିଶା ତଥା ଅନ୍ୟାନ୍ୟ ରାଜ୍ୟର ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ପଦାର୍ଥ ବିଜ୍ଞାନ ବିଶେଷଜ୍ଞ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗଦେଇ ସମ୍ମିଳନୀର ଅଧିବେଶନରେ ଅଂଶଗ୍ରହଣ କରିଥଲେ। ଉଦ୍‌ଘାଟନୀ ଉତ୍ସବକୁ ଡ଼କ୍ଟର ସନ୍ତୋଷ କୁମାର ଅଗ୍ରୱାଲା, ଡ଼କ୍ଟର ଡ଼ି.କେ. ମିଶ୍ର ଓ ଡ଼କ୍ଟର ଆର ବିଶ୍ୱାଳ ସଂଯୋଜନା କରିଥିଲେ।

ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦ ସମ୍ମୁଖରେ ବାଲିଷ୍ଟିକ୍ ଅସ୍ତ୍ରଶସ୍ତ୍ରର ପ୍ରଦର୍ଶନର ସ୍ୱତନ୍ତ୍ର ବ୍ୟବସ୍ଥା ଆୟୋଜିତ ହୋଇଥିବା ବେଳେ, ମିଶାଇଲ୍ ଟେକ୍ନୋଲୋଜିର ଯନ୍ତ୍ର ଏବଂ ମଡେଲଗୁଡିକର ପ୍ରଦର୍ଶନୀ ସ୍ନାତକ ପରିଷଦ ସମ୍ମିଳନୀ କକ୍ଷ-୨ରେ କରାଯାଇଛି। ଚାନ୍ଦିପୁର ସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନର ବିଶେଷଜ୍ଞ ଅଧିକାରୀମାନେ ପ୍ରଦର୍ଶନୀରେ ଉପସ୍ଥିତ ହୋଇ କ୍ଷେପଣାସ୍ତ୍ର ଓ ଅନ୍ୟାନ୍ୟ ପ୍ରତିରକ୍ଷାରେ ନିୟୋଜିତ ଯନ୍ତ୍ରର ବ୍ୟବହାର ବିଷୟରେ ଦର୍ଶକମାନଙ୍କୁ ସବିଶେଷ ସୂଚନା ଦେଇଥିଲେ। ଏଥିସହିତ ପ୍ରଥମ ଦିନର ସମ୍ମିଳନୀ ଶେଷରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଭୁବନେଶ୍ୱର
୧୩ ଫେବୃୟାରୀ
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24








ସମ୍ବଲପୁର ଗସ୍ତ ଅବସରରେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ ମା'ସମଲେଇଙ୍କୁ ଦର୍ଶନ କରିବା ସହ ବିଭିନ୍ନ ବିକାଶ କାର୍ଯ୍ୟ ସମୀକ୍ଷା କରି ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଖେଳାଳିଙ୍କ ସହ କ୍ରିକେଟ ଖେଳୁଛନ୍ତି । (ଫଟୋ : ସମ୍ବାଦ କଳିକା)

# ଭୁବନେଶ୍ୱରରେ ଖୋଲିଲା ଆଇଟି କଗ୍ନିଜାଣ୍ଟ ଅଫିସ



**ଭୁବନେଶ୍ୱର, ୧୨/୨ ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରରେ ଖୋଲିଛି ଆଇଟି ଜ୍ୟାଣ୍ଟ କଗ୍ନିଜାଣ୍ଟ ଅଫିସ । ଏହି ଅବସରରେ କମ୍ପାନୀର ଗ୍ଲୋବାଲ ସିଇଓ ରବି କୁମାରଙ୍କ ସହ କିଛି ମୁହୂର୍ତ୍ତ ବିତାଇବାକୁ ସମୟ ପାଇଥିଲେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ରବି କୁମାର ବ୍ରହ୍ମପୁରରୁ ଯାତ୍ରା ଆରମ୍ଭ କରି ବିଶ୍ୱ ଆଇଟି କରିଡରରେ ପହଞ୍ଚିବାକୁ ସମର୍ଥ ହୋଇଛନ୍ତି । ବିଶ୍ୱର ସର୍ବବୃହତ କମ୍ପାନୀ କଗ୍ନିଜାଣ୍ଟର ସେ ଗ୍ଲୋବାଲ ସିଇଓ ହୋଇପାରିଛନ୍ତି । ତାଙ୍କ ସଫଳତା ଯୁବବର୍ଗଙ୍କୁ ପ୍ରେରଣା ଦେଉଛି । ତାଙ୍କ ଅଭୂତପୂର୍ବ ଜୀବନଯାତ୍ରା ଯୁବଗୋଷ୍ଠୀଙ୍କୁ ସଫଳତାର ମାର୍ଗ ଦେଖାଇବ ବୋଲି ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି । ଲମ୍ବା ଅଧ୍ୟବସାୟ, ନିଜ ଉପରେ ବିଶ୍ୱାସ ଏବଂ ଅସରନ୍ତି ପ୍ରଚେଷ୍ଟା ସଫଳତା ଆଣିବ ହିଁ ଆଣିବ ବୋଲି ୫-ଟି ଅଧ୍ୟକ୍ଷଙ୍କ ପ୍ରଶ୍ନର ଉତ୍ତରରେ ଏହି ମନ୍ତ୍ର ଦେଇଛନ୍ତି ରବି କୁମାର ।

# ସାରା ଦେଶରେ ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହେଲେ ନବୀନ ପଟ୍ଟନାୟକ



**ଭୁବନେଶ୍ୱର, ୧୨/୨ ନ୍ୟୁଜ ବ୍ୟୁରୋ**

ପୁଣି ଥରେ ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହେଲେ ନବୀନ ପଟ୍ଟନାୟକ। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ତାଲିକାରେ ସାରା ଦେଶରେ ଏକ୍ ନମ୍ବରରେ ଅଛନ୍ତି ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଇଣ୍ଡିଆ ଟୁଡେ ପକ୍ଷରୁ ହୋଇଥିବା ମୁଡ ଅଫ୍ ଦି ନେସନ ଓପିନିଅନ୍ ପୋଲ ସର୍ଭେରେ ନବୀନ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଠାରୁ ସବୁଠୁ ଆଗରେ ଅଛନ୍ତି । ସେହିପରି ନବୀନଙ୍କ ପଛକୁ ଅଛନ୍ତି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ। ସର୍ଭେ ରିପୋର୍ଟ ଅନୁସାରେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିଜ ରାଜ୍ୟରେ ୫୨.୭ ପ୍ରତିଶତ ଲୋକେ ପସନ୍ଦ କରୁଥିବା ବେଳେ, ଯୋଗୀ ଆଦିତ୍ୟ ନାଥଙ୍କୁ ଉତ୍ତର ପ୍ରଦେଶରେ ୫୧.୩ ପ୍ରତିଶତ ଲୋକ ପସନ୍ଦ କରିଛନ୍ତି। ସେହିପରି ୩ ନମ୍ବରରେରେ ଆସାମ, ଚତୁର୍ଥରେ ଗୁଜରାଟ ଓ ପଞ୍ଚମରେ ତ୍ରିପୁରା ମୁଖ୍ୟମନ୍ତ୍ରୀ ଅଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଅନୁଗୁଳ ବାସିନ୍ଦା

**ଅନୁଗୁଳ, ୧୨/୨ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଅନୁଗୁଳ ବାସିନ୍ଦା । ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀଙ୍କ ମାସିକ ଭତ୍ତା ରାଶି ୫୦୦ ଟଙ୍କା ବୃଦ୍ଧି ଘୋଷାଣା ହୋଇଥିବାରୁ ସ୍ୱାଗତ କରିଛନ୍ତି ଲୋକେ। ବର୍ଦ୍ଧିତ ଭତ୍ତା ଅନୁଯାୟୀ ୧୦୦୦, ୧୨୦୦ ଓ ୧୪୦୦ ଅର୍ଥ ରାଶି ପାଇବେ । ଲୋକଙ୍କ ଅନୁରୋଧକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ସାମାଜିକ ସୁରକ୍ଷା ପେନସନ୍ ଯୋଜନାର ଏହି ପେନସନ ରାଶି ପରିମାଣକୁ ବୃଦ୍ଧି କରାଯାଇଛି।

୫-ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ବିଭିନ୍ନ ଜିଲ୍ଲା ଗସ୍ତ ସମୟରେ ଭତ୍ତା ଟଙ୍କା ବୃଦ୍ଧି ପାଇଁ ଅଭିଯୋଗ କରିଥିଲେ ଲୋକେ। ଆଉ ଏହି କଥାକୁ କାର୍ତ୍ତିକ ପାଣ୍ଡିଆନ ହୃଦୟଙ୍ଗମ କରିଥିଲେ। ଆଉ ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ଏଭଳି ଐତିହାସିକ ନିଷ୍ପତ୍ତି ନିଆଯାଇଥିଲା । ଆଉ ଭତ୍ତା ଟଙ୍କା ବୃଦ୍ଧି ପରେ ହିତାଧିକାରୀମାନେ ବେଶ୍ ଖୁସି ଥିବା ବେଳେ ସେମାନଙ୍କ କହିବା କଥା ଏହି ଟଙ୍କା ଏବେ ସେମାନଙ୍କୁ ବହୁ ସହାୟକ ହେବ। ଏଥିପାଇଁ ସୋମବାର ଅନୁଗୁଳ ବିଜୁ ମୈଦାନ ଠାରେ ଶତାଧିକ ହିତାଧିକାରୀ ଏକାଠି ହୋଇ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଅନୁଗୁଳ ଜିଲ୍ଲା ବିଜେଡ଼ି ସହପର୍ଯ୍ୟବେକ୍ଷକ ତଥା ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ କୁନ ବିହାରୀ ଦାସ ଆଦି ଯୋଗ ଦେଇଥିଲେ।



ଭୁବନେଶ୍ୱର : ପୁରୀ ସ୍ୱର୍ଗଦ୍ୱାର ଠାରେ ବିଶିଷ୍ଟ ସାହିତ୍ୟିକ ସାତକଡି ହୋତାଙ୍କ ଅନ୍ତିମ ସଂସ୍କାର ବେଳେ ପୋଲିସ ବାହିନୀ ପକ୍ଷରୁ ରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଉଛି। (ଫଟୋ : ସମ୍ବାଦ କଳିକା)

# ଦିନକରେ ଧରାପଡ଼ିଲେ ୨୭ ମଦୁଆ ଡ୍ରାଇଭର



**ଭୁବନେଶ୍ୱର,୧୨/୨ ନ୍ୟୁଜ ବ୍ୟୁରୋ**

ମଦ୍ୟପ ଚାଳକଙ୍କୁ ଭୁବନେଶ୍ୱର ରାଜରାସ୍ତା ମନା। ମଦପିଇ ଗାଡି ଚଳାଉଥିବା ଚାଳକଙ୍କ ବିରୋଧରେ କମିସନରେଟ୍ ପୁଲିସ ଜାରିରଖିଛି ଶୂନ ସହନଶୀଳତା ନୀତି। ମଦ୍ୟପ ଚାଳକଙ୍କ ବିରୋଧରେ ଚାଲିଥିବା ଧରପଗଡ଼କୁ ଆହୁରି ତୀବ୍ର କରାଯାଇଛି। ଏହିକ୍ରମରେ ପୁଣି ୨୭ଜଣ ମଦ୍ୟପ ଚାଳକଙ୍କୁ ଧରିଛି କମିସନରେଟ୍ ପୁଲିସ। ସେମାନଙ୍କ ନାମରେ ମାମଲା ରୁଜୁକରିବା ସହ ଗାଡ଼ିଗୁଡ଼ିକୁ ଜବତ କରିଛି ପୁଲିସ। ଲକ୍ଷ୍ମୀସାଗରରୁ ୭ଜଣ, ଖାରବେଳନଗର ଓ ଜଟଣୀରୁ ୫ଜଣ ଲେଖାଏଁ, ଚନ୍ଦ୍ରଶେଖରପୁର ୩ଜଣ, ଭରତପୁର, ଖଣ୍ଡଗିରି ଓ ବଡ଼ଗଡ଼ ଥାନା ଅଞ୍ଚଳରୁ ୨ଜଣ ଲେଖାଏଁ ଏବଂ ସହିଦନଗରରୁ ଜଣେ ମଦ୍ୟପ ଚାଳକଙ୍କୁ କାବୁ କରାଯାଇଛି। ରବିବାର ରାତିରେ କଟକରୋଡ, ନନ୍ଦନକାନନ ରୋଡ, ଜନପଥ, ଲୁଇସ୍‌ରୋଡ ଓ ଖଣ୍ଡଗିରି ଛକରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଥିଲା। ଧରାପଡ଼ିଥିବା ମଦ୍ୟପଙ୍କ ବିରୋଧରେ ଲାଗିଥିବା ଦଫା ୭ବର୍ଷରୁ କମ୍ ହୋଇଥିବାରୁ ସେମାନଙ୍କ ନାମରେ ମାମଲା ରୁଜୁ କରି ଛାଡ଼ି ଦିଆଯାଇଛି। କିନ୍ତୁ ସେମାନେ ବ୍ୟବହାର କରୁଥିବା ଗାଡ଼ିଗୁଡ଼ିକୁ ଜବତ କରାଯାଇଛି। ସେମାନେ କୋର୍ଟରୁ ଅନୁମତି ଆଣିବା ପରେ ଗାଡ଼ିଗୁଡ଼ିକୁ ମୁକୁଳାଇ ନେଇପାରିବେ। ଏହି ମାମଲାଗୁଡିକରେ ଖୁବ୍‌ଶୀଘ୍ର ତଦନ୍ତ କରାଯାଇ କୋର୍ଟରେ ଚାର୍ଜସିଟ୍‌ରେ ଦାଖଲ କରାଯିବ। କେବଳ ରକ୍ତ ନମୁନା ଓ ଅନ୍ୟ କିଛି ପ୍ରମାଣ ଆଧାରରେ କୋର୍ଟ ରାୟ ପ୍ରକାଶ କରିବେ। ତେଣୁ ଏହି ମାମଲାଗୁଡ଼ିକରେ ସଜା ହାର ବଢ଼ିବ ବୋଲି ଆଶା କରାଯାଉଛି। ପରବର୍ତ୍ତୀ ସମୟରେ ମଦ୍ୟପ ଚାଳକମାନେ ଗିରଫ ହୋଇ ଜେଲ୍ ବି ଯିବେ। ସେଭଳି ପାଠପଢ଼ା ସହ ବିଦେଶକୁ ଭ୍ରମଣ ସମୟରେ ପାସ୍‌ପୋର୍ଟ କିମ୍ବା ଅନ୍ୟାନ୍ୟ ଜରୁରୀ ସମୟରେ ସେମାନଙ୍କ ନାମରେ ଥିବା ମାମଲା ଅଡୁଆ ସୃଷ୍ଟି କରିବ। ଫଳରେ ପାଠପଢ଼ିବା ଓ ବିଦେଶ ଯିବା ଯାତ୍ରା ଅଧାରେ ଅଟକି ଯିବ। ସେହିପରି ପ୍ରଥମ ଥର ଧରାପଡୁଥିବା ମଦ୍ୟପ ଚାଳକଙ୍କ ଲାଇସେନ୍ସ ରଦ୍ଦ କ୍ଷେତ୍ରରେ ସାମାନ୍ୟ କୋହଳ କରାଯାଇଛି। ଦ୍ୱିତୀୟ ଥର ଅନୁରୂପ ଭାବେ ଧରାପଡ଼ିଲେ ଚାଳକଙ୍କ ଲାଇସେନ୍ସ ବାତିଲ ଲାଗି ପରିବହନ ବିଭାଗ ନିକଟରେ ଆବେଦନ କରାଯିବ ବୋଲି ଅତିରିକ୍ତ ଡିସିପି ପ୍ରକାଶ ପାଲ୍ ସୂଚନା ଦେଇଛନ୍ତି।



କବି ଡକ୍ଟର ନୃସିଂହ ଷଡ଼ଙ୍ଗୀ

କୌଣସି କବିର ଚିନ୍ତନରେ ଏତେ ସାବଲୀଳ, ଭାବବାହୀ ଓ ତତ୍ତ୍ୱବୋଧକ ପ୍ରତୀକାନୁସାରୀ କବିତା ଆସିପାରେ – ଥିଲା ମୋ କଳ୍ପନାର ବାହାରେ । ପୁଣି ତାଙ୍କ କବିତାର ଚୌହଦୀ ଖୁବ୍ ବେଶି ପରିବ୍ୟାପ୍ତ – ଯେମିତି ସମୁଦାୟ ସମୁଦ୍ର, ଆଖି ନ ପାଉଥିବା ଆକାଶ ଓ ବିପୁଳାୟତନ ପୃଥିବୀ । ତାଙ୍କ ଦୃଷ୍ଟିରେ କବିତା ସବୁଠି ସଂଚରିତ ଏବଂ ତାହା ଏକ ବିପୁଳ ଉପଲବ୍ଧି। ପ୍ରେମରେ ହୁଏ କବିତା, ପ୍ରତାରଣାରେ ବି । ସୁଖରେ ହୁଏ କବିତା, ଶୋକରେ ବି । ତାଙ୍କ କବିତା ଜୀବନ ଓ ଜଗତକୁ ନେଇ ଏକ ବର୍ଣ୍ଣିଳ କାନ୍‌ଭାସ୍ । ଆକାର, ଅଣାକାର, ନିରାକାର-ସବୁ ତତ୍ତ୍ୱ ଓ ତୀର୍ଥରେ ସେ ଦେଖିଛନ୍ତି କବିତାର ଶାଳଗ୍ରାମକୁ। ଏଇ ଚେତନାରେ ଉଭରିତ ତାଙ୍କ କବିତା । 'ଜୀବନର କବିତା, ଜଗତର କବିତା'- ଏଇ ଶୀର୍ଷକ କବିତାର ଆବୃତ୍ତି ସେ କରିଥିଲେ କିଟ୍ ବିଶ୍ୱବିଦ୍ୟାଳୟରେ ଆୟୋଜିତ 'ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ' ପରିପ୍ରେକ୍ଷୀରେ ୪.୨.୨୪ ତାରିଖର କବି ସମ୍ମିଳନୀରେ । ଏ କବି ହେଲେ ଶ୍ରୀଯୁକ୍ତ ଭି.କେ. ପାଣ୍ଡିଆନ୍, ଓଡ଼ିଶା ବିକାଶର ବୈଶ୍ୱାନର ଓ ରୂପାନ୍ତରର ରୂପକାର ।

# ଜୀବନର କବିତା ଶ୍ୱାସ



ଭି.କେ. ପାଣ୍ଡିଆନ

ଜୀବନର କବିତା ଶ୍ୱାସ /ଅନ୍ଧାରର କବିତା ଜ୍ୟୋତି
ସମୁଦ୍ରର କବିତା ତରଙ୍ଗ / ଶୌର୍ଯ୍ୟର କବିତା ଖାରବେଳ
ଜାଗରଣର କବିତା ଫକୀରମୋହନ / ଜ୍ଞାନର କବିତା ରାମକୃଷ୍ଣ
ତ୍ୟାଗର କବିତା ଗୋପବନ୍ଧୁ / ସେବାର କବିତା ମଦର ଟେରେସା
ମହାନଦୀର କବିତା ଓଡ଼ିଶା / ଓଡ଼ିଶାର କବିତା ଓଡ଼ିଶୀ ।।

ଅଲଚିକ୍‌ର କବିତା ରଘୁନାଥ ମୁର୍ମୁ / ଅଲମ୍ପିକର କବିତା ହୁସେନ୍ ବୋଲ୍ଟ
କ୍ରିକେଟର କବିତା ସଚିନ୍ / ହକିର କବିତା ଦିଲ୍ଲୀପ
ସଂଗ୍ରାମର କବିତା ବୀର ସୁରେନ୍ଦ୍ର / ବୀରର କବିତା ସୁଭାଷ ବୋଷ
ସାହସର କବିତା ବିଜୁପଟ୍ଟନାୟକ,
ବଳିଦାନର କବିତା ଅମର ସହୀଦ / ବିବେକର କବିତା ବିବେକାନନ୍ଦ
କବିତାର କବିତା ରବୀନ୍ଦ୍ରନାଥ ଟାଗୋର ।।

କମ୍ପ୍ୟୁଟରର କବିତା ଆପ୍‌ଲ / ଅହିଂସାର କବିତା ମହାତ୍ମା
ଶୂନ୍ୟର କବିତା ଭୀମ ଭୋଇ
ସ୍ୱଚ୍ଛତାର କବିତା ନବୀନ ପଟ୍ଟନାୟକ,
ପ୍ରେମର କବିତା ତାଜମହଲ / ପଥରର କବିତା କୋଣାର୍କ ।।
ଭକ୍ତିର କବିତା ଶ୍ରୀମନ୍ଦିର / ସବୁଠାରୁ ଶ୍ରେଷ୍ଠ କବିତା କୃଷ୍ଣ
କୃଷ୍ଣର କବିତା ଜଗତ / ଜଗତର କବିତା ଜଗନ୍ନାଥ ।।

# ଏପ୍ରିଲ ୧୪ରେ ପାଳନ ହେବ ପଣା ସଂକ୍ରାନ୍ତି



**ଭୁବନେଶ୍ୱର, ୧୨/୨ ନ୍ୟୁଜ ବ୍ୟୁରୋ**

ଦ୍ୱନ୍ଦ୍ୱ ହେଲା ଦୂର। ଏପ୍ରିଲ ୧୪ରେ ହିଁ ପାଳନ ହେବ ପଣା ସଂକ୍ରାନ୍ତି। ପଞ୍ଜିକା ସମୀକରଣ ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଛି । ଚଳିତ ବର୍ଷ କାର୍ତ୍ତିକ ମାସରେ ପଞ୍ଚୁକ ପାଳନ ହେବ ୪ ଦିନ। ସେହିଭଳି ଶ୍ରୀଗୁଣ୍ଡିଚା ଯାତ୍ରା ଦିନ କରାଯିବ ଉଭା ନୀତି । ୧୩ଦିନିଆ ଅଣସର ନୀତି ପାଳନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି ।

ଏବେ ବଜାରରେ ଉପଲବ୍ଧ...

'କଥାକଳିକା' ଫେବୃଆରୀ -୨୦୨୪ ସଂଖ୍ୟା




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଜିରୋନାଇଟ୍ : ମନୋଜ କୁମାର ମହାପାତ୍ର।
**ସମକାଳର କଥା :** ଶୋକାର୍ତ୍ତ ସମୟ-କ୍ଷୀରୋଦ ଦାସ, ଋଣ ଶୁଝିବା ଦିନ- ମଧୁମିତା ମହାନ୍ତି, ରେବତୀ- ସୀମାଞ୍ଚଳ ଦାଶ, ପଞ୍ଚମ ଦୁର୍ଘଟଣା- ଦାଶରଥି ଭୂୟାଁ, ରିକ୍ସାବାଲା- ସୁଷମା ପରିଜା।
**ଅନ୍ୟଭାଷାର କଥା :** ଆରଣ୍ୟକ ବିଭୂତି ଭୂଷଣ - ପ୍ରଦୀପ୍ତ ଶ୍ରୀଚନ୍ଦନ।
**ଯୁବ ମାନସର କଥା :** ପାଉଁଜି-ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଚାନ୍ଦିନୀ-ଯଶୋବନ୍ତ ସେଠୀ, ଜଟିଆ ବାବାଙ୍କ ଜଟାଛିଡା ଉପାଖ୍ୟାନ- କିଶୋରଚନ୍ଦ୍ର ଜେନା, ଦେବୀ ପକ୍ଷ- ନିରୂପମାକର, ଉଠ, ଜାଗ- ସୁନାକର ସାହୁ, ମାଳି- ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଅବ୍ୟକ୍ତ ଯନ୍ତ୍ରଣା- ପୁଷ୍ପାଞ୍ଜଳି ସାହୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/– (୨ଟି ବିଶେଷ ସଂଖ୍ୟା ସହ)

# ଏସ୍‌ସିବିରେ ରୋଗୀ ହୃତ୍‌ପିଣ୍ଡରୁ ବାହାର କରାଗଲା ଛୁଞ୍ଚି

**କଟକ, ୧୨/୦୨ ନ୍ୟୁଜ ବ୍ୟୁରୋ**

ଏସ୍‌ସିବି କାର୍ଡିଓଥୋରାସିସ (ସିଟିଭିଏସ୍) ବିଭାଗରେ ଏକ ଜଟିଳ ଅସ୍ତ୍ରୋପଚାର ସଫଳତାର ସହ ସମ୍ପନ୍ନ ହୋଇଛି। ଜଣେ ଯୁବକଙ୍କ ହୃତ୍‌ପିଣ୍ଡରୁ ସାଢେ ୪ ଇଞ୍ଚର ଛୁଞ୍ଚି କଢ଼ାଯାଇଛି। ସିଟିଭିଏସ୍ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ମନୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯାଇଥିଲା। ଭୁବନେଶ୍ୱର ଭିଏସ୍‌ଏସ ନଗରର ୩୧ବର୍ଷୀୟ ନିବାସୀ ଶର୍ମା ଶୋଇଥିବା ବେଳେ ତାଙ୍କ ଛାତିରେ ଏକ ଛୁଞ୍ଚି ଫୋଡି ହୋଇଯାଇଥିଲା। ଏହା ହୃତ୍‌ପିଣ୍ଡର ବାମପାର୍ଶ୍ୱ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ସେ ପ୍ରବଳ ଯନ୍ତ୍ରଣା ଅନୁଭବ କରୁଥିଲେ। ପ୍ରଥମେ କ୍ୟାପିଟାଲ୍ ହସ୍ପିଟାଲ୍, ପରେ ସେ ଏମ୍ସ ହସ୍ପିଟାଲ୍ ଯାଇଥିଲେ। ହେଲେ ସେଠାରେ ଅସ୍ତ୍ରୋପଚାର ହୋଇପାରିନଥିଲା। ଶେଷରେ ସେ କଟକ ବଡ଼ଡାକ୍ତରଖାନାକୁ ଚାଲି ଆସିଥିଲେ। ଶନିବାର ତାଙ୍କୁ ଏସ୍‌ସିବିର ସିଟିଭିଏସ୍ ବିଭାଗରେ ଭର୍ତ୍ତି କରାଯାଇଥିଲା। ରବିବାର ସିଟିଭିଏସ୍ ବିଭାଗର ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଅସ୍ତ୍ରୋପଚାର ମାଧ୍ୟମରେ ହୃତ୍‌ପିଣ୍ଡର ବାମ ଭାଗରେ ରହିଥିବା ଛୁଞ୍ଚିଟିକୁ କାଢ଼ିଥିଲେ। ଏବେ ନିବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଏସସିବି ପକ୍ଷରୁ କୁହାଯାଇଛି। ଅସ୍ତ୍ରୋପଚାରରେ ସିଟିଭିଏସ୍ ବିଭାଗର ଡାକ୍ତର ଚିତ୍ତରଞ୍ଜନ ଥାଟୋଇ, ନିଶ୍ଚେତନ ବିଭାଗର ଡାକ୍ତର ଦେବାଶିଷ ମହାପାତ୍ର ଓ ଟିମ୍ ସାମିଲ୍ ଥିଲେ।

# ରାଜ୍ୟରେ ପ୍ରଥମ ଥର ପାଇଁ ପ୍ରକାଶ ପାଇବ ସରକାରୀ ହସ୍ପିଟାଲ ରାଙ୍କିଂ

**ଭୁବନେଶ୍ୱର, ୧୨/୨ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ପ୍ରଥମ ଥର ପାଇଁ ପ୍ରକାଶ ପାଇବ ସରକାରୀ ହସ୍ପିଟାଲ ରାଙ୍କିଂ । ମଙ୍ଗଳବାର ଏହି ରାଙ୍କିଂ ପ୍ରକାଶ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ରାଜ୍ୟର ମେଡିକାଲ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପ ଜିଲ୍ଲା ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକର ରାଙ୍କିଂ ପ୍ରକାଶ ପାଇବ । ହସ୍ପିଟାଲ ମ୍ୟାନେଜମେଣ୍ଟ ଇନଫର୍ମେସନ ସିଷ୍ଟମ – HMIS ବେଞ୍ଚମାର୍କ ଅନୁସାରେ ରୋଗୀ ସେବା, ରୋଗୀ ସନ୍ତୁଷ୍ଟିକରଣ, ବେଡ ଅକ୍ୟୁପାନ୍ସି, ସର୍ଜରୀ ସୁବିଧା, ଗୁଣବତ୍ତା ପରି ୩୨ ଟି ବର୍ଗରେ ବିଭିନ୍ନ ମାନଦଣ୍ଡ ଆଧାରରେ ଏହି ରାଙ୍କିଂ ତିଆରି ହୋଇଛି। ୨୦୨୦-୨୧, ୨୦୨୧-୨୨, ୨୦୨୨-୨୩ ବର୍ଷ ପାଇଁ ପ୍ରକାଶ ପାଇବ ରାଙ୍କିଂ । ସ୍ୱାସ୍ଥ୍ୟ ସେବାରେ ଉତ୍କର୍ଷତା ପାଇଁ ମିଳିବ ମୁଖ୍ୟମନ୍ତ୍ରୀ ପୁରସ୍କାର । ମଙ୍ଗଳବାର ଲୋକସେବା ଭବନରେ ଆୟୋଜିତ ହେବାକୁ ସ୍ୱତନ୍ତ୍ର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି କ୍ରମରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ରଙ୍କୁ ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ସମ୍ମାନରେ ସମ୍ମାନିତ କରାଯିବ । କୋଭିଡ ସମୟରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍ତମ ସେବା ଯୋଗାଇଥିବା ଡାକ୍ତର, ନର୍ସ, ଲାବ୍ ଟେକ୍ନିସିଆନ, ହସ୍ପିଟାଲ ସମେତ ବିଭିନ୍ନ ବର୍ଗରେ ମୋଟ ୧୫୩ଟି ପୁରସ୍କାର ଦିଆଯିବ। ଏହା ପରଠାରୁ ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି ସରକାର ।

## 'ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା-୨୦୨୪' ଉଦ୍‌ଘାଟିତ

# ଭାରତର ପ୍ରାଚୀନ ଗ୍ରନ୍ଥ କେବେ ନିଜର ଚମକ ହରାଇନାହିଁ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୧/୨ ନ୍ୟୁଜ ବ୍ୟୁରୋ**

ପୁସ୍ତକ ସହିତ ମାନବ ଜାତିର ସବୁବେଳେ ଅନାବିଳ ସୁସମ୍ପର୍କ ରହି ଆସିଛି। ଭାରତର ପ୍ରାଚୀନ ଗ୍ରନ୍ଥ ଓ ପୁସ୍ତକଗୁଡ଼ିକ କେବେ ବି ନିଜର ଚମକ ହରାଇନାହିଁ ବୋଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ସହଯୋଗରେ ନ୍ୟାସନାଲ ବୁକ୍ ଟ୍ରଷ୍ଟ(ଏନ୍‌ବିଟି) ପକ୍ଷରୁ ଆୟୋଜିତ 'ନୂଆଦିଲ୍ଲୀ ୫୨ତମ ବିଶ୍ୱ ପୁସ୍ତକ ମେଳା ୨୦୨୪'କୁ ଉଦ୍‌ଘାଟନ କରିବା ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି ଯେ ଇଜିପ୍ଟର ପାପିରସ ହେଉ କି ଭାରତର ତାଳପତ୍ର ଓ ଭୋଜପତ୍ର ପାଣ୍ଡୁଲିପି ହେଉ କିମ୍ବା ଚୀନ୍‌ର ପେପର ବୁକ୍ ହେଉ, ମନୁଷ୍ୟକୁ ସବୁବେଳେ ଲିଖିତ ଶବ୍ଦଟି ଅତ୍ୟନ୍ତ ଆକର୍ଷଣୀୟ ଲାଗିଥାଏ। ପୁସ୍ତକ ମନୁଷ୍ୟକୁ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ଭାରତରେ ଆମେ ପୁସ୍ତକର ମୂଲ୍ୟକୁ ବହୁତ ଭଲ ଭାବରେ ବୁଝିଛୁ। ପ୍ରାଚୀନ ଓ ମଧ୍ୟବର୍ତ୍ତୀକାଳୀନ ଦୁନିଆର କେତେକ ଶ୍ରେଷ୍ଠ ପାଠାଗାର ଭାରତରେ ଥିଲା। ନାଳନ୍ଦା, ତକ୍ଷଶିଳା, ରାଜଗିର ଓ ଉଜ୍ଜୟିନରେ ଥିବା ଆମର ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟରେ ବିଶ୍ୱସ୍ତରୀୟ ପାଠାଗାରମାନ ଥିଲା। ବ୍ରିଟିସ ଶାସନ କାଳରେ ଏହି ବିଶ୍ୱବିଦ୍ୟାଳୟଗୁଡ଼ିକର ଅବନତି ଘଟିଥିଲେ ମଧ୍ୟ ପୁସ୍ତକଗୁଡ଼ିକ କେବେ ବି ନିଜର ଚମକ ହରାଇନଥିଲା। ବେଦ, ଉପନିଷଦ, ପୁରାଣ, ଆୟୁର୍ବେଦ, ସଂସ୍କୃତ, ଜ୍ୟୋତିର୍ବିଜ୍ଞାନ, ଗଣିତ ଏବଂ ମେଡିସିନ ଉପରେ ଆମର ପ୍ରାଚୀନ ଗ୍ରନ୍ଥ ପୁସ୍ତକ ଜଗତକୁ ସମୃଦ୍ଧ କରିଥିଲା। ତାହା ଥିଲା ଆମର ଉଚ୍ଚ ପରମ୍ପରା। ଆମର ପୁସ୍ତକର ଲେଖକ ଏବଂ ପାଠକମାନଙ୍କ ପାଇଁ ଆମେ ଗର୍ବିତ। ଏହାସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ନୂଆଦିଲ୍ଲୀ ବିଶ୍ୱ ପୁସ୍ତକ ମେଳା ୨୦୨୪ର 'ଫେଷ୍ଟିଭାଲ ଅଫ୍ ଫେଷ୍ଟିଭାଲ' ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ। ଏହି ଅନନ୍ୟ ପର୍ବ ସାରା ବିଶ୍ୱର ବିଭିନ୍ନ ସଂସ୍କୃତି, ସାହିତ୍ୟ ଏବଂ କଳାତ୍ମକ ଅଭିବ୍ୟକ୍ତିର ଉତ୍ସବ ହେବ। ଅନେକ ପୁସ୍ତକରେ ପରିପୂର୍ଣ୍ଣ ଏହି ମେଳା ସକାରାତ୍ମକ ଶକ୍ତିରେ ପରିପୂର୍ଣ୍ଣ। ୨୨ଟି ଭାଷାରେ ପୁସ୍ତକ ପ୍ରକାଶିତ କରିବାରେ ସମ୍ଭବତଃ ଭାରତ ହେଉଛି ଏକ ମାତ୍ର ଦେଶ। ବହୁ ଭାଷା ଆମର ବିବିଧତାକୁ ବ୍ୟାଖ୍ୟା କରେ, ଯାହା ଆମ ଜାତୀୟ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ଅଟେ। ଚଳିତବର୍ଷର ବିଷୟବସ୍ତୁ 'ବହୁଭାଷୀ ଭାରତ: ଏକ ଜୀବନ୍ତ ପରମ୍ପରା' ରହିବା ଖୁସିର ବିଷୟ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ଏକ ଉଲ୍ଲେଖନୀୟ ସାମାଜିକ-ଅର୍ଥନୈତିକ ଏବଂ ସାଂସ୍କୃତିକ ପୁନର୍ଜାଗରଣ ମାଧ୍ୟମରେ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟରେ ଅଗ୍ରସର ହେଉଛି। ଏହି କାର୍ଯ୍ୟକ୍ରମରେ ସାଉଦି ଆରବର ରାଷ୍ଟ୍ରଦୂତ ସାଲେହ୍ ବିନ୍ ଇଦ୍ ଅଲ୍ ହୁସୈନୀ, ଭାରତ ସରକାରଙ୍କ ରାଷ୍ଟ୍ର ଶିକ୍ଷା ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଓ ଏନ୍‌ବିଟିର ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।